# فہرست


| | | |
|---|---|---|
| پیغام | وائس چانسلر | 06 |
| پیغام | ڈائرکٹر | 07 |
| کورس کا تعارف | کورس کوآرڈی نیٹر | 08 |
| **بلاک I** | | |
| اکائی 1۔ | لسانیات کی تعریف، اہمیت اور افادیت | 10 |
| اکائی 2۔ | صوتیات | 28 |
| اکائی 3۔ | فونیمیات | 48 |
| اکائی 4۔ | مارفیمیات | 63 |
| **بلاک II** | | |
| اکائی 5۔ | نحویات | 80 |
| اکائی 6۔ | معنیات | 97 |
| اکائی 7۔ | اسلوبیات | 111 |
| اکائی 8۔ | سماجی لسانیات | 127 |
| **بلاک III** | | |
| اکائی 9۔ | نفسی لسانیات | 142 |
| اکائی 10۔ | تاریخی لسانیات | 153 |
| اکائی 11۔ | دو لسانیت | 169 |
| اکائی 12۔ | زبان کی تدریس کا لسانیاتی طریقۂ کار | 178 |
| **بلاک IV** | | |
| اکائی 13۔ | زبان کی تعریف اور اس کے مطالعے کے مختلف طریقے | 189 |
| اکائی 14۔ | ہند آریائی زبانوں کا عہد وار ارتقا | 219 |
| اکائی 15۔ | اردو کی ابتدا کے مختلف نظریات | 235 |
| اکائی 16۔ | سیاسی، تہذیبی اور تمدنی پس منظر میں اردو-ہندی کا لسانی رشتہ | 254 |
| نمونہ امتحانی پرچہ | | 272 |


Scanned with CamScanner

# اکائی 16 : سماجی، تاریخی اور تہذیبی پس منظر میں
# اردو-ہندی کا لسانی رشتہ

اکائی کے اجزا


16.0 تمہید
16.1 مقاصد
16.2 سماجی، تاریخی اور تہذیبی پس منظر میں اردو-ہندی کا لسانی رشتہ
16.2.1 تاریخی پس منظر میں اردو-ہندی کا لسانی رشتہ
16.2.2 لسانی پس منظر میں اردو-ہندی کا لسانی رشتہ
16.2.3 سیاسی پس منظر میں اردو-ہندی کا لسانی رشتہ
16.2.4 تہذیبی پس منظر میں اردو-ہندی کا لسانی رشتہ
16.3 اکتسابی نتائج
16.4 کلیدی الفاظ
16.5 نمونہ امتحانی سوالات
16.5.1 معروضی جوابات کے حامل سوالات
16.5.2 مختصر جوابات کے حامل سوالات
16.5.3 طویل جوابات کے حامل سوالات
16.6 مزید مطالعے کے لیے تجویز کردہ کتابیں


## 16.0 تمہید

اردو-ہندی زبانیں اپنی اساس، ملیات اور قواعدی احاطے کے اعتبار سے آپس میں بہت قریبی رشتہ رکھتی ہیں کیونکہ یہ دونوں ہند آریائی خاندان سے تعلق رکھتی ہیں اور ان کا اصل ماخذ ہند آریائی کے ارتقا کی تیسری منزل پر شورسینی اپ بھرنش کی صورت میں ملتا ہے۔ 1000ء کے بعد شورسینی اپ بھرنش سے جن جدید بولیوں نے ارتقا پایا ان میں سے ایک کھڑی بولی بھی ہے جو اردو-ہندی کا راست ماخذ ہے اور راست کھڑی بولی کے ساتھ ان کا تعلق ہے۔

اردو اور ہندی کے لسانی اشتراک کی ایک وجہ دونوں زبانوں کے مشترک نام بھی ہیں جو ماضی میں رائج رہے ہیں۔ ہندی دونوں کا کھڑی بولی کی چاشنی پر ہندی اس وقت مستعمل ہوتا ہے جب کھڑی بولی کے اولین شعرا اور نثر نگاروں نے اپنی زبان کو ہندی کہا ہے۔ اس کے طور پر ایک

Scanned with CamScanner

# ଲୋକଦେବୀ ସମଲେଇଙ୍କ ବଏଲ୍ ଯାତ୍ରା : ଏକ ଅନୁଶୀଳନ

ଡକ୍ଟର ପ୍ରହଲ୍ଲାଦ ଖଲ

ଆଧ୍ୟାତ୍ମିକତା ଜୀବନର ଆଧାର । ଆଧ୍ୟାତ୍ମିକତାର ଇତିହାସ ସନ୍ଧାନ ସରଳତାର ବିଷୟ ନୁହେଁ । ମଣିଷର ସୃଷ୍ଟି, ସ୍ଥିତି ଓ ବିକାଶ ପ୍ରକ୍ରିୟାରେ ଆଧ୍ୟାତ୍ମିକତାର ପଦଚିହ୍ନ ସ୍ପଷ୍ଟ । ଏହାର ମୂଳରସ ଦେବଦେବୀ । ସେମାନଙ୍କର ପୂଜା ଆରାଧନା ଆତ୍ମାର ଆହାର । ପୂଜାବିନା ଆଶୀର୍ବାଦ ମିଳେ ନାହିଁ । ଆଶୀର୍ବାଦ ବିନା କିଛି ବି ଶୁଭକାର୍ଯ୍ୟ ହୋଇପାରେ ନାହିଁ । ଏହି ଚେତନାଟି ସାଧାରଣ ଲୋକଜୀବନରେ ଚିରନ୍ତନ । ତା'ରି ଭିତରେ ପ୍ରକୃତିର ବିଭିନ୍ନ ଉପାଦାନକୁ ଦେବତାର ଆସନରେ ଆସୀନ କରାଇ ପୂଜା କରି ଆସିଛି ନିଜର ରୁଚି ଅନୁସାରେ ଭିନ୍ନ ଭିନ୍ନ ରୂପରେ ଏଇ ମନୁଷ୍ୟ । ଆଧ୍ୟାତ୍ମିକ ଗ୍ରନ୍ଥ ଶ୍ରୀମଦ୍‌ଭଗବଦ୍‌ଗୀତାରେ ଏ ସମ୍ପର୍କରେ ଉଲ୍ଲେଖ ରହିଛି -

"କାମୈସ୍ତୈସ୍ତୈର୍ହୃତଜ୍ଞାନାଃ ପ୍ରପଦ୍ୟନ୍ତେଽନ୍ୟଦେବତାଃ ।
ତଂ ତଂ ନିୟମମାସ୍ଥାୟ ପ୍ରକୃତ୍ୟା ନିୟତାଃ ସ୍ୱୟା ।"[୧]

ଅର୍ଥାତ୍ ଯେଉଁମାନଙ୍କ ମନରେ ଭୌତିକ ଇଚ୍ଛା ଜାଗ୍ରତ ହୁଏ; ସେମାନେ ଦେବତାମାନଙ୍କ ଶରଣାପନ୍ନ ହୋଇ ସେମାନଙ୍କର ପ୍ରକୃତି ଅନୁସାରେ ନିର୍ଦ୍ଦିଷ୍ଟ ପୂଜାବିଧି ଓ ନୀତିନିୟମ ପାଳନ କରନ୍ତି । ଏଠାରେ ଯେଉଁ ଦେବତାମାନଙ୍କର କଥା କୁହାଯାଇଛି ସେମାନେ ଲୋକଦେବଦେବୀ ରୂପେ ପରିଚିତ । ଲୋକର ମନୋବାଞ୍ଛା ପୂରଣ ସକାଶେ ସୃଷ୍ଟିକର୍ତ୍ତା ଭଗବାନ ଦେବତାମାନଙ୍କର ମାଧ୍ୟମରେ ସମସ୍ତ ବ୍ୟବସ୍ଥା କରି ଲୋକର ଧାର୍ମିକ ଚିନ୍ତା ଚେତନାର ବୈଶିଷ୍ଟ୍ୟ ଆଧାରରେ ସେମାନଙ୍କୁ ଏକ ଏକ ନିର୍ଦ୍ଦିଷ୍ଟ ଦେବଦେବୀର ଉପାସକ ହେବାର ସୁଯୋଗ ଦିଆଯାଇଥିବାର କଥା ମଧ୍ୟ ଗୀତାର ଶ୍ଳୋକରୁ ବୁଝାପଡେ । ଯଥା -

"ଯୋ ଯୋ ଯାଂ ଯାଂ ତନୁଂ ଭକ୍ତଃ ଶ୍ରଦ୍ଧୟାର୍ଚ୍ଚିତୁମିଚ୍ଛତି ।
ତସ୍ୟ ତସ୍ୟାଚଳାଂ ଶ୍ରଦ୍ଧାଂ ତାମେବ ବିଦଧାମ୍ୟହମ୍ ।"[୨]

ଅର୍ଥାତ୍ ଯେତେବେଳେ ବ୍ୟକ୍ତି କୌଣସି ଦେବଦେବୀଙ୍କୁ ପୂଜା କରିବାର ଇଚ୍ଛା ପୋଷଣ କରେ; ସେତେବେଳେ ମୁଁ (ଭଗବାନ) ତା'ର ସେଇ ବିଶ୍ୱାସକୁ ଦୃଢ଼ କରେ; ଯେପରିକି ସେ ଏକ ନିର୍ଦ୍ଦିଷ୍ଟ ଦେବତାଙ୍କ ପ୍ରତି ଆକୃଷ୍ଟ ହୋଇ ସ୍ଥିର ରହିପାରିବ । ଏଭଳି ଦେବଦେବୀଙ୍କ ପ୍ରତି ଗଭୀର ଭକ୍ତି ପ୍ରଦର୍ଶନକାରୀଙ୍କୁ ଗୀତାରେ "ଅଳ୍ପମେଧସାମ୍" ବୋଲି କୁହାଯାଇଥିବା ହେତୁ ସାଧାରଣ ଜନତା ବା ଲୋକସମୂହ ଅର୍ଥର ନିକଟତର; ଯେଉଁମାନେ କି ଶାସ୍ତ୍ରୀୟ ଦେବଦେବୀ ତଥା ପୂଜା ପଦ୍ଧତି ସମ୍ପର୍କରେ ନିତାନ୍ତ ଅଜ୍ଞ । ତେବେ ପ୍ରାଚୀନ ସଭ୍ୟତାର ସେ କେଉଁ ବିସ୍ମୃତ ଲଗ୍ନ ହୋଇଥିବ ଯେଉଁଦିନ କି ଆଦିମ ମନୁଷ୍ୟ ଲତାପତ୍ର ଗହଳରେ ଗୋପନରେ ରହିଥିବା ପ୍ରସ୍ତର ଖଣ୍ଡ ଅଥବା ଅନ୍ୟ କୌଣସି ଦିବ୍ୟ ସତ୍ତାର ଆକସ୍ମିକ ଆବିଷ୍କାରରେ ଚମକି ପଡିଥିବ ଆଉ ଦେବତାଜ୍ଞାନ କରି ପୂଜା କରିବା ପାଇଁ ଆପଣା ଅନ୍ତରାତ୍ମା ନିକଟରେ ବିବଶ ହୋଇପଡିଥିବ; ତାହା କେତେ ଶହ ବର୍ଷ ତଳର କଥା ହୁଏତ ଇତିହାସ ଆଜି ତା'ର ନିର୍ଦ୍ଦିଷ୍ଟ ଦିନ ବାର ମନେ ରଖି ନାହିଁ ।

ଲୋକ ବିଶ୍ୱାସର ଏତାଦୃଶ ସତ୍ୟତାକୁ ପ୍ରତ୍ୟକ୍ଷ କରୁଥିବା ଅବସରରେ ଅବିଭକ୍ତ ସମ୍ବଲପୁରର ଆରାଧ୍ୟା ଲୋକଦେବୀ ମାଁ ସମଲେଇ ଆପଣାଛାଏଁ ଉଦ୍ଭାସିତ ହୋଇଯାନ୍ତି ଚିତ୍ତପଟରେ । ଦେବୀ ସମଲେଇଙ୍କର ଆବିର୍ଭାବକୁ କେଉଁ ଭିନ୍ନ ଭିନ୍ନ କିମ୍ବଦନ୍ତୀ ; ଗବେଷକ ତଥା ଆଲୋଚକଙ୍କର ମତାନୈକ୍ୟ ରହିଛି । ପୌରାଣିକ ଦୃଷ୍ଟିକୋଣରୁ ତର୍ଜମା କଲେ ଦକ୍ଷ ପ୍ରଜାପତିଙ୍କର ଯଜ୍ଞରେ ଦେବୀ ସତୀଙ୍କର କରୁଣ ପରିଣତିର ଅଲୌକିକ ଓ ଅଦ୍ଭୁତ ପରିଣାମସ୍ୱରୂପ ଦେବୀଙ୍କ ମସ୍ତକ ଅଂଶଟି ମହାନଦୀର ଜଳସ୍ରୋତରେ ଭାସି ଆସି ମହାନଦୀ ତଟସ୍ଥ ଏକ ଶିମୂଳୀ ବୃକ୍ଷମୂଳରେ ପୋତିହୋଇ ରହିଥିଲା ଏବଂ ସମୟର ଗତିଶୀଳତାରେ ଶବର ସମ୍ପ୍ରଦାୟର ଆଦିବାସୀମାନେ ପ୍ରସ୍ତରୀଭୂତା ଦେବୀଙ୍କୁ ଶିମୂଳୀବୃକ୍ଷ ମୂଳରୁ ପାଇଥିବା ହେତୁ 'ସମଲେଇ' ନାମରେ ନାମିତ କରି ସେଇ ଶିମୂଳୀ ବୃକ୍ଷ ମୂଳରେ ପୂଜା କରି ଆସୁଥିଲେ । ପରବର୍ତ୍ତୀ ସମୟରେ ସ୍ୱପ୍ନାଦେଶରେ ସମ୍ବଲପୁର ରାଜ୍ୟର ପ୍ରତିଷ୍ଠାତା (୧୫୫୦) ନରପତି ଚୌହାଣବୀର ବଳରାମ ଦେବ ଦେବୀଙ୍କୁ ନିଜ ଇଷ୍ଟଦେବୀ ରୂପେ ସ୍ୱୀକାର କରି ସହର ଭିତରେ ସ୍ଥାପନା କରିଥିବାର କଥା ଏବେ ବି ଜନଶ୍ରୁତିରେ ଜୀବନ୍ତ । ସେହିଦିନଠାରୁ ମହାନଦୀ ବକ୍ଷସ୍ଥ ସ୍ମୃତିଦ୍ୱୀ

# କାଠଡେରାର ରଥଯାତ୍ରା

ଡ. ପ୍ରହଲ୍ଲାଦ ଖୁଲ

ଯାତ୍ରା ଏକ ତତ୍ସମ ଶବ୍ଦ । ଏହି ଶବ୍ଦର ଆକ୍ଷରିକ ଅର୍ଥ ହେଉଛି ଗମନ କରିବା (ଯା + ତ୍ର + ଅ) । ଦେବଦେବୀଙ୍କ ଉତ୍ସବ ଏବଂ ନାଟକାଭିନୟ ଅର୍ଥରେ ଯାତ୍ରା ଶବ୍ଦଟି ଅଧିକ ଲୋକପ୍ରିୟ । ଲୋକଙ୍କର ଆଧ୍ୟାତ୍ମିକ/ଧର୍ମୀୟ ବିଚାରଧାରା ସହିତ ଯାତ୍ରା ସମନ୍ୱିତ । ଦେବୋତ୍ସବ/କୌଣସି ଧର୍ମୀୟ ଉତ୍ସବ ଅବସରରେ ଦେବଦେବୀ ନିଜର ଆସ୍ଥାନ ଛାଡ଼ି ଭକ୍ତମାନଙ୍କ ମେଳରେ ବାଦ୍ୟ, ନୃତ୍ୟ, ଗୀତ, ଅଭିନୟ ପ୍ରଦର୍ଶନ ମାଧ୍ୟମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରି ଅନ୍ୟତ୍ର ଗମନ କରୁଥିବା କାର୍ଯ୍ୟକ୍ରମକୁ ଯାତ୍ରା କୁହାଯାଏ । ଓଡ଼ିଶୀ ଜନମାନସରେ ଯାତ୍ରା ଏକ ସାଂସ୍କୃତିକ ପରମ୍ପରା ରୂପେ ଗୃହୀତ । ଏହା ଲୋକଙ୍କ ପାଇଁ ପବିତ୍ର, ମଙ୍ଗଳଦାୟୀ ଓ ଆନନ୍ଦଦାୟକ ଉତ୍ସବ ।

ଦେବଦେବୀଙ୍କ ମହିମା/ପୂଜାପଦ୍ଧତିର ବିଶେଷତ୍ୱ ଦୃଷ୍ଟିରୁ ଯାତ୍ରାର ସ୍ୱରୂପ ଭିନ୍ନଭିନ୍ନ ହୋଇଥିବାର ଲକ୍ଷ୍ୟ କରାଯାଏ । ଓଡ଼ିଆ ଜାତିର ସାମାଜିକ/ସାଂସ୍କୃତିକ ଜୀବନଧାରାରେ ପ୍ରମୁଖ ସ୍ଥାନ ଅଧିକାର କରିଥିବା ଯାତ୍ରା ପରମ୍ପରାରେ ଦେବଦେବୀଗଣ ସାଧାରଣତଃ ପ୍ରତିମାରୂପେ, ପ୍ରତୀକରୂପେ, ପ୍ରତ୍ୟକ୍ଷରୂପେ ବରୁଆ ଶରୀରରେ, ଲୋକାଭିନୟ କରିଆରେ ଶୋଭାଯାତ୍ରାରେ ବାହାରି ଆଧ୍ୟାତ୍ମିକ ଭାବମାନସର କ୍ଷେତ୍ର ପ୍ରସ୍ତୁତ କରିଥାନ୍ତି । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଗୁଣ୍ଡିଚାଯାତ୍ରା ଓ ଶିବ-ପାର୍ବତୀଙ୍କ ବିବାହ ବିଷୟକ ଶୀତଳଷଷ୍ଠୀ ଯାତ୍ରା ଦେବଦେବୀଙ୍କ ପ୍ରତିମାକୁ ନେଇଁ ଅନୁଷ୍ଠିତ ହେଉଥିବା ଯାତ୍ରାର ପ୍ରକୃଷ୍ଟ ଦୃଷ୍ଟାନ୍ତ । ଦେବଦେବୀଙ୍କ ପ୍ରତୀକ ରୂପେ କେତେକ ନିର୍ଦ୍ଦିଷ୍ଟ ପଦାର୍ଥ/ବସ୍ତୁ/ବୃକ୍ଷବିଶେଷକୁ ଗ୍ରହଣ କରି ଅନୁଷ୍ଠିତ ହେଉଥିବା ଯାତ୍ରା ଲୋକସଂସ୍କୃତିମୂଳକ ଯାତ୍ରା । ପଶ୍ଚିମ ଓଡ଼ିଶାର ପାଟଖଣ୍ଡା ଯାତ୍ରା (ଖଣ୍ଡା), କଳସୀଯାତ୍ରା (କଳସ), କରମସାନି ଯାତ୍ରା/କରମାଯାତ୍ରା (କରମାଡାଳ/ହଳନ ଗଛର ଡାଳ) ଖୁଲିଆଯାତ୍ରା (ଫାରସା), ଛତରଯାତ୍ରା (ଛତ୍ର), ଦକ୍ଷିଣ ଓଡ଼ିଶାର ବୁଡ଼ିଆଯାତ୍ରା (ଲାଠି), ଲଦିଯାତ୍ରା (ବାଲି ଓ ଦୀପ), ବାଲିଯାତ୍ରା (ବାଲି) ଆଦି ପ୍ରତୀକରୂପକ ଦେବଦେବୀଙ୍କ ଉତ୍ସବ/ଯାତ୍ରାର ପର୍ଯ୍ୟାୟଭୁକ୍ତ । ଦେବଦେବୀ ସ୍ୱୟଂ ପୂଜକ/ବରୁଆ/ଦିଶାରି/ଗୁରୁମାଇ ପ୍ରମୁଖ ବ୍ୟକ୍ତିବିଶେଷଙ୍କ ଶରୀରରେ ଅବତୀର୍ଣ୍ଣ ହୋଇ ଦେବୋତ୍ସବକୁ ରୋମାଞ୍ଚକ ଓ ପ୍ରତ୍ୟକ୍ଷ କରୁଥିବା ପରମ୍ପରା ପ୍ରାଚୀନକାଳରୁ ଏଯାବତ୍ ଓଡ଼ିଶାର ଧର୍ମୀୟ ଜନଜୀବନରେ ରହିଆସିଛି । ମଣିଷ ଶରୀରରେ ଦେବତାଙ୍କ ଆବିର୍ଭାବଜନିତ ଅନୁଭୂତି ଲୋକବିଶ୍ୱାସର ଭିତ୍ତିଉପରେ ପ୍ରତିଷ୍ଠିତ । ଆଧୁନିକ ବିଜ୍ଞାନର ସମସ୍ତ ସିଦ୍ଧାନ୍ତ ଠାରୁ ଊର୍ଦ୍ଧ୍ୱକୁ ଉଠି ବେଳେବେଳେ ବିଶ୍ୱାସ ସବୁ ଅସମ୍ଭବକୁ ସମ୍ଭବ କରୁଥିବାର ଲୋକାନୁଭୂତି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଚରମ ଉନ୍ନତି କାଳରେ ସୁଦ୍ଧା ସବୁଜ୍ଞଗତ ଜ୍ଞାନୀ ବ୍ୟକ୍ତିଙ୍କୁ ବିସ୍ମୟାଭିଭୂତ କରିପକାଏ । ପଶ୍ଚିମ ଓଡ଼ିଶାର ପୁରପଲ୍ଲୀରେ ଅନୁଷ୍ଠିତ ହେଉଥିବା ଦଂଏଲଯାତ୍ରା (ସମଲେଇଦେବୀ) ଦୁଆରସେନୀ ଯାତ୍ରା, ଘଣ୍ଟାସୁଣୀ ଯାତ୍ରା ପରିପ୍ରେକ୍ଷୀରେ ବରୁଆ ଦେହରେ ଦେବତା ଆସେ । ପୂଜକ ଶରୀରରେ ଦେବତାଙ୍କର ଆବିର୍ଭାବଜନିତ ଏହି ବିଶେଷ ଧରଣର ଯାତ୍ରା ଅବସରରେ ବ୍ରତଧାରଣକାରୀ ଭକ୍ତମାନଙ୍କର ହାରିଗୁହାରି ଶୁଣି ଦେବଦେବୀ ସମସ୍ୟା ନିଦାନର ଉପାୟ କହି କଲ୍ୟାଣ କରୁଥିବା ହେତୁ ଏହିସବୁ ଯାତ୍ରା ପ୍ରତି ଲୋକଙ୍କ ମନରେ ପ୍ରବଳ ଶ୍ରଦ୍ଧା ଓ ଭକ୍ତିଭାବ ରହିଛି ।

ଦେବତାଙ୍କ ବେଶଭୂଷା ଧାରଣ କରି ଦେବଦେବୀଙ୍କ ସ୍ଥାନରେ ଅଭିନୟ କରିବାର ଯାତ୍ରା ଓଡ଼ିଶାରେ (ବିଶେଷତଃ ପଶ୍ଚିମ ଓଡ଼ିଶାରେ) ଏକ ପରମ୍ପରାରେ ପରିଣତ ହୋଇସାରିଛି । ବରଗଡ ଜିଲ୍ଲାର ଧନୁଯାତ୍ରା ଏହି ଅଭିନୟମୂଳକ ଯାତ୍ରା ପରମ୍ପରାର ଦୃଷ୍ଟାନ୍ତ । ପ୍ରଥମରୁ ଧନୁଯାତ୍ରା ବରଗଡ ସହରରେ ଏଗାରଦିନ ବ୍ୟାପି ଅନୁଷ୍ଠିତ ହେବା ଭିତରେ ମଥୁରା ନରେଶ ଉଗ୍ରସେନଙ୍କ ଗାଦିଚ୍ୟୁତ ହେବାଠାରୁ ଆରମ୍ଭ କରି କଂସର ଚକ୍ରାନ୍ତମୂଳକ ନିମନ୍ତ୍ରଣରେ କୃଷ୍ଣବଳରାମଙ୍କ ମଥୁରାକୁ ଯାତ୍ରା, କଂସନିଧନ ଓ ଉଗ୍ରସେନଙ୍କ ପୁନଃ ସିଂହାସନଲାଭ ପର୍ଯ୍ୟନ୍ତ ପୁରାଣ ବର୍ଣ୍ଣିତ ସମସ୍ତ ଦୃଶ୍ୟ ଅଭିନୀତ ହୋଇ ଦର୍ଶକଙ୍କ ମନୋରଞ୍ଜନ ସହିତ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିଆସୁଛି । କ୍ରମଶଃ ଏହି ଧନୁଯାତ୍ରା ବରଗଡ ସମେତ ସହରର ଆଖପାଖ ଗାଁ ଗହଳିମାନଙ୍କରେ ମଧ୍ୟ ଅନୁଷ୍ଠିତ ହେବାରେ ଲାଗିଛି ।

ଓଡ଼ିଶାରେ ଯାତ୍ରାର ଏକ ବଳିଷ୍ଠ ପରମ୍ପରା ପ୍ରାଚୀନ କାଳରୁ ଆଜିପର୍ଯ୍ୟନ୍ତ ରହିଆସିଛି । ଉପଯୁକ୍ତ ଯାତ୍ରାଗୁଡ଼ିକ ମଧ୍ୟରୁ ରଥଯାତ୍ରାର ଗୁରୁତ୍ୱ ହିଁ ଓଡ଼ିଶାବାସୀଙ୍କର ସାଂସ୍କୃତିକ-ଭାବମାନସରେ ପ୍ରଥମ ସ୍ଥାନ ଅଧିକାର କରିଆସିଛି । ଜଗନ୍ନାଥ ପ୍ରତୀକ ନୁହଁନ୍ତି ପ୍ରତ୍ୟୟ । ଶ୍ରୀଜଗନ୍ନାଥ ବିଶ୍ୱମାନବର ପ୍ରତ୍ୟୟଜନକ । ଏହି ଜଗତ ଠାକୁରଙ୍କର ଉଦ୍ଦେଶ୍ୟରେ ବାରମାସରେ ଦ୍ୱାଦଶ ଯାତ୍ରା ଅନୁଷ୍ଠିତ ହୋଇଥାଏ । ଯଥା-ଚନ୍ଦନଯାତ୍ରା (ବୈଶାଖ ପୂର୍ଣ୍ଣିମା), ଦେବସ୍ନାନ ପୂର୍ଣ୍ଣିମା (ଜ୍ୟେଷ୍ଠ ପୂର୍ଣ୍ଣିମା), ରଥଯାତ୍ରା (ଆଷାଢ଼ଶୁକ୍ଳ ଦ୍ୱିତୀୟା), ହରିଶୟନ (ଆଷାଢ଼ ଶୁକ୍ଳ ଦ୍ୱାଦଶୀ), ଚିତାଲାଗି

ISSN 2349-0160

# କବି ଅଶ୍ୱିନୀ କୁମାର ଦାଶଙ୍କ କବିତାରେ ଆଦିବାସୀ ଜୀବନ ଚିତ୍ର

ଡ. ପ୍ରହ୍ଲାଦ ଖିଲ



ଊଣେଇଶ ଶହ ନବେ ପରବର୍ତ୍ତୀ ଓଡ଼ିଆ କବିତାରେ କବି ଅଶ୍ୱିନୀ କୁମାର ଦାଶ ଏକ ପରିଚିତ ନାମ । ପରିବେଶ ଓ ପରିସ୍ଥିତି ଅଶ୍ୱିନୀଙ୍କୁ କବିତା ଲେଖାଇଲା- ସେ ଅଙ୍ଗେ ନିଭା ଅନୁଭୂତି ସବୁକୁ କବିତାର ରୂପ ଦେଇ କ୍ରମଶଃ ଓଡ଼ିଆ ପାଠକ ନିକଟରେ ପରିଚିତ ହୋଇଗଲେ ଆଦିବାସୀ ସଂସ୍କୃତି ଆଧାରିତ ଜଣେ ସଫଳ କବି ରୂପରେ । ସ୍କୁଲ ଶିକ୍ଷକର ଜୀବନ ଅଣାନବେ ଦିନର ଠିକା ନିଯୁକ୍ତିରେ; ଅରମା ଅପାଂକ୍ତେୟ ବଣ ଜଙ୍ଗଲ ଭିତରେ ଥିବା ଏକ ଅଦେଖା ଗାଁ ଭୂଇଁରେ ସେ ଆରମ୍ଭ କଲେ ଜୀବନ ଚର୍ଯ୍ୟା- ଏକ କଷ୍ଟସାଧ ଜୀବନ ଜିଇଁବାର ଆତ୍ମପ୍ରଚେଷ୍ଟା ଓ ଆତ୍ମଗ୍ଲାନିରେ ଅଶ୍ୱିନୀ କୁମାର ଦାଶ ସେଇଠି ହୋଇଗଲେ ଅସବର୍ଣ୍ଣ ଏକଲବ୍ୟ । ଅନୁଭବ ସବୁ କବିତାର ରୂପ ନେଲା । ପ୍ରକାଶିତ ହେଲା ପ୍ରଥମ କବିତା ସଂକଳନ "ଅସବର୍ଣ୍ଣ ଏକଲବ୍ୟ" ୧୯୯୫ ମସିହାରେ । ଜଟିଳ ସମାଜ ବ୍ୟବସ୍ଥା, ଅପହୃତ ବ୍ୟକ୍ତି ସ୍ୱାଧୀନତା, ନୀତିହୀନ ରାଜନୀତିଜ୍ଞଙ୍କ ସ୍ଥିତାବସ୍ଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଥିବା ଏଇ କବି- ପ୍ରତିଭାଙ୍କ ପରବର୍ତ୍ତୀ କବିତା ଗ୍ରନ୍ଥ ପ୍ରକାଶିତ ହେଲା । ୧୯୯୭ ରେ "ଚଇତି ସଂଜେ ମାଦଳ ବାଜେ" । ଏମିତି ଚଇତି ସଂଜରେ ସାନ୍ତାଳ ଯୁବକମାନଙ୍କ ମାଦଳର ତାଳେ ତାଳେ ସାନ୍ତାଳ ଯୁବତୀମାନଙ୍କ ଲୀଳାୟିତ ନୃତ୍ୟ କବିଙ୍କୁ ଜୀବନ ବଂଚିବାର ରାହା ଦେଖାଇଛି । ତାଙ୍କ ଲେଖନୀରୁ ଜନ୍ମ ନେଲା "ମହୁଲ ଫୁଲର ସକାଳ" (୨୦୦୩), "ଧୁଁ ଧୁଁ ଧୁଁ ଧୁମୁସା ବାଜେ", "ଟିକି ପିଲାର ଟୁକୁରା ଗୀତ" ଆଦି କବିତା ଗ୍ରନ୍ଥ । ଶିମୁଳିପାଳର ରମଣୀୟ ଦୃଶ୍ୟ ଓ ବନର ସବୁଜିମା ଭିତରେ ଯେଉଁ ଆଦିବାସୀମାନେ ଜୀବନ ବଂଚୁଛନ୍ତି, ସେମାନଙ୍କ ସହିତ ଚାକିରି ଜୀବନ ଅତିବାହିତ କରିଥିବା ସରକାରୀ କର୍ମଚାରୀ ଅଶ୍ୱିନୀ କୁମାର ପରିଚିତ ହେଲେ କବି ଅଶ୍ୱିନୀ କୁମାର ନାମରେ । କବିଙ୍କ ଲେଖନୀ ଏଯାବତ୍ ଚଳଚଂଚଳ । ଆଲୋଚ୍ୟ ପ୍ରବନ୍ଧରେ "ମହୁଲ ଫୁଲର ସକାଳ" କବିତା ସଂକଳନରେ ଆଦିବାସୀ ଜୀବନ୍ତ ଚିତ୍ରକୁ ଉପସ୍ଥାପନା କରାଯାଇଛି ।

ଆଲୋଚନା ପ୍ରାରମ୍ଭରୁ କବି ସ୍ୱୀକାରୋକ୍ତିକୁ ଉଦ୍ଧାର କରାଯାଇପାରେ ।

"ଯେଉଁଦିନ କର୍ତ୍ତୃପକ୍ଷଙ୍କ ଦାବି ମୁତାବକ ଉତ୍କୋଚ ଯାଚନାରେ ଅସଫଳତାର ଶରବ୍ୟ ହୋଇ ଶିମୁଳିପାଳର ବ୍ୟାଘ୍ରମୁହଁକୁ ଠେଲି ହୋଇଯାଇଥିଲି×××× ସେହିଦିନର ନିଶାଂତ ପ୍ରହରରୁ ମୋ ହୃଦୟରେ ଜାଗି ଉଠିଥିଲା, ବାସ୍ତବ ଓ ରୋମାଂଟିକ୍ ଭାବବସ୍ତୁର ସମନ୍ୱିତ ଗୀତିମାଳା... । ମହୁଲଫୁଲ ପରି ସକାଳ ବିଛୁରିତ ହୋଇ ପଡ଼ିଥିଲା ମୋ' ବିଛଣା ସାରା । ×××× ସେଇଦିନ ସବୁ ଆଜି ପର୍ଯ୍ୟନ୍ତ ମୋ କବିତାର ଆଲେଖ୍ୟ ।" (ମହୁଲ ଫୁଲର ସକାଳ, ପୂର୍ବାଭାସ) । ଯାହାର ମନ ନିର୍ମଳ; ସିଏ ସ୍ୱଭାବତଃ ସୁନ୍ଦର । ଜାତି ସୁନ୍ଦରତର ନ୍ୟାୟରେ କବି ଅଶ୍ୱିନୀଙ୍କର ଅନାବିଳ ଭାବ ସୌନ୍ଦର୍ଯ୍ୟ ସହିତ ଓ ଭାବଗତ ସୌନ୍ଦର୍ଯ୍ୟର ମିଶ୍ରଣରୁ ମହୁଲଫୁଲର ସକାଳର ନିର୍ମାଣ ହୋଇଛି ।



# କବି ସୌଭାଗ୍ୟ କୁମାର ମିଶ୍ରଙ୍କ ଅନ୍ଧ ମହୁମାଛି : ଏକ ଭିନ୍ନ ଦୃଷ୍ଟି

ଡ. ପ୍ରହ୍ଲାଦ ଖୁଲ

ଉଣେଇଶ ଶହ ଷାଠିଏ ପରବର୍ତ୍ତୀ ଓଡ଼ିଆ କବିତା କ୍ଷେତ୍ରରେ କବି ସୌଭାଗ୍ୟ କୁମାର ମିଶ୍ରଙ୍କ ଭୂମିକା ଅନନ୍ୟ । ଗୁରୁ ପ୍ରସାଦ ମହାନ୍ତିଙ୍କ 'ନୂତନ କବିତା' (୧୯୫୫), ରମାକାନ୍ତ ରଥଙ୍କ 'କେତେଦିନର ' (୧୯୬୨), ସୀତାକାନ୍ତ ମହାପାତ୍ରଙ୍କ 'ଦୀପ୍ତି ଓ ଦ୍ୟୁତି' (୧୯୬୩) ପରେ ପାଠକ ପରିଚିତ ହୁଏ ସୌଭାଗ୍ୟ କୁମାର ମିଶ୍ରଙ୍କ ସହିତ 'ଆତ୍ମନେପଦୀ' (୧୯୬୫)ରେ । ତେବେ ଷାଠିଏ ପରବର୍ତ୍ତୀ କବିତାରେ ପ୍ରୟୋଗବାଦୀ ଚିନ୍ତାଧାରାରେ କବିତା ଲେଖୁଥିବା କବିମାନଙ୍କ ମଧ୍ୟରୁ ସୌଭାଗ୍ୟ ମିଶ୍ର ଯେତିକି ଅନନ୍ୟ ସେତିକି ବ୍ୟତିକ୍ରମ । ବିବର୍ତ୍ତନର ଅଲୌକିକତା ସହ କାବ୍ୟଗଠନର ଅଦ୍ଭୁତ ଗରିମାରେ ଗରୀୟାନ କବିଙ୍କ ଆତ୍ମନେପଦୀ (୧୯୬୫), ମଧ୍ୟପଦଲୋପୀ (୧୯୭୦), ନଈପହଁରା (୧୯୭୩), ଅନ୍ଧମହୁମାଛି (୧୯୭୭), ବଜ୍ରଯାନ (୧୯୮୦), ଦ୍ୱାସୁପର୍ଣ୍ଣା (୧୯୮୪), ମଣିକର୍ଣ୍ଣିକା (୧୯୯୦), ଅନ୍ୟତ୍ର (୧୯୯୪), ଚରାଚର (୧୯୯୯) ଓ 'ଉଜ୍ଜୟିନୀ' ଆଦି କବିତାଗ୍ରନ୍ଥ ଓଡ଼ିଆ କବିତାକୁ କରିଛି ବିଚିତ୍ରବର୍ଣ୍ଣା । ଆଲୋଚ୍ୟ ପ୍ରବନ୍ଧରେ କବିଙ୍କ "ଅନ୍ଧମହୁମାଛି" କବିତା ଗ୍ରନ୍ଥରେ ପାଠକୀୟ ଦୃଷ୍ଟିର ଅବତାରଣା କରାଯାଇଛି ।

୧୯୭୭ ମସିହାରେ ପ୍ରକାଶିତ 'ସକାଳବୋଧେ ସାଢେ ସାତଟା' କବିତାରୁ ଆରମ୍ଭ କରି 'ଜୟଯାତ୍ରା' ପର୍ଯ୍ୟନ୍ତ ୪୪ ଗୋଟି କବିତାର ସମାହାରରେ 'ଅନ୍ଧମହୁମାଛି'ର ପରିକଳ୍ପନା । ୧୯୭୯ ମସିହାରେ ଓଡିଶା ସାହିତ୍ୟ ଏକାଡେମୀଦ୍ୱାରା ପୁରସ୍କୃତ ଏହିଗ୍ରନ୍ଥ ସୌଭାଗ୍ୟ ମିଶ୍ରଙ୍କ ପ୍ରତିଷ୍ଠାର ସୌଭାଗ୍ୟୋଦୟ କରାଇଛି । ରୋମାଂଟିକ୍ ଚେତନାରୁ ଆରମ୍ଭ 'ଆତ୍ମନେପଦୀ' ରୁ 'ନଈପହଁରା' ପର୍ଯ୍ୟନ୍ତ କବିଙ୍କ କାବ୍ୟିକ ଉତ୍ତରଣ ଘଟି 'ଅନ୍ଧମହୁମାଛି'ରେ ସିଦ୍ଧି ଆଣିଦେଇଛି। ଏହି ସିଦ୍ଧି କ୍ରମଶଃ ସାଧନାପଥରେ କବିଙ୍କୁ ଆଗେଇନେଇ 'ଦ୍ୱାସୁପର୍ଣ୍ଣା' ବେଳକୁ ଚରମସିଦ୍ଧିରେ ପହଂଚାଇ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରିଛି ।

'ଦୁଃଖ, ଦୈନ୍ୟ, ବିଷାଦ, ଅସହାୟତା - ସବୁପ୍ରକାର ପ୍ରତିକୂଳତା ଭିତରେ ଜୀବନ ସୁନ୍ଦର; ଅନ୍ଧ ମହୁମାଛିରେ ଅନୁରଣିତ ଏ ସ୍ୱର । 'ପାପ-ଭୟ-ମୃତ୍ୟୁ ମୁମୂର୍ଷୁପଣ, ଆଶଙ୍କା, ଉଦ୍‌ବେଗ ସବୁଠି ମହୁର ସମ୍ଭାର । କାବ୍ୟ-ପୁରୁଷ ସାମାଜିକ ମଣିଷର ତିକ୍ତ ଜୀବନାଭୂତିକୁ ସାଉଁଟିଆଣି କବିତାର ରୂପଦେଇ ଭାବ ସମୂହକୁ ଭାଷାର ବ୍ୟଞ୍ଜନାରେ ଏଭଳି କଥନଶୈଳୀରେ କହିଛନ୍ତି; ଯାହା ତାଙ୍କର ସ୍ୱାତନ୍ତ୍ର୍ୟକୁ ପ୍ରକାଶିଥାଏ । ଏଣୁ ସୌଭାଗ୍ୟ କୁମାର ମିଶ୍ର ସମକାଳୀନ କବିମାନଙ୍କ ମଧ୍ୟରେ ଭିନ୍ନ ଏକ ଉଚ୍ଚାରଣ ।

ମହୁମାଛିମାନେ ହିଁ ଅନ୍ଧ । ଏଣୁ ସାଧାରଣ ମାଛି ଠାରୁ ସେ ଭିନ୍ନ । ଜୀବନସାରା ଏ ଫୁଲରୁ ସେ ଫୁଲ ବୁଲି ମହୁ ସଂଗ୍ରହରେ ଲିପ୍ତଥିବା ମହୁମାଛି ଯେମିତି କର୍ମତତ୍ପର ଅଥଚ କ୍ଳାନ୍ତ ନୁହେଁ, ଏବଂ ନାନାବିଧ ଫୁଲର ସଂଗୃହୀତ ରସରୁ ତିଆରି କରେ ମଧୁକୋଷ; ଅନୁରୂପଭାବରେ କାବ୍ୟପୁରୁଷ ଜଟିଳ ମଣିଷ ଜୀବନର ତିକ୍ତ ଅନୁଭୂତିସବୁକୁ କବିତାର ରୂପ ଦେଇ ନିଜେ ପାଲଟିଯାଇଛନ୍ତି ଗୋଟିଏ 'ଅନ୍ଧ ମହୁମାଛି' ।

ଯେମିତି ବର୍ଷାପବନରେ ସବୁ ଦୁଆର ଖୋଲା ଏଠି ପୁରୁଣା ପ୍ରାସାଦରେ । ଶତ୍ରୁର ଘୋଡାପରି ଝଡ ମାଡି ଆସୁଛି, ସବୁ ଯେମିତି ସୂର୍ଯ୍ୟାସ୍ତପୂର୍ବରୁ ସବୁକିଛି ଶେଷ କରିଦେବ; କିନ୍ତୁ କବି ମନରେ ପ୍ରଶ୍ନବାଚୀ ? ଏଠି ସୂର୍ଯ୍ୟ କାହିଁ ଯେ ସୂର୍ଯ୍ୟାସ୍ତ ଆସିବ ? ଏହାର କାରଣସବୁ ଖୋଜିଲାବେଳେ ସବୁ ହଜିଯାଏ ଅଥଚ ଘଟଣାଗୁଡିକ କାରଣକୁ ଅତିକ୍ରମି ଆଗେଇ ଯାଆନ୍ତି ଆଗକୁ । ଏ ଜୀବନ ଏମିତି । ଲୋଭ, ମୋହର ମାୟାଜାଲରେ ଛନ୍ଦିହୋଇଥାଏ ପରା । ସବୁ କାମନା ସବୁ ବାସନା ଅର୍ଥହୀନ ହୁଏ । ଯେମିତି ଭଙ୍ଗା ଦର୍ପଣର ଲୋଭରେ ଅର୍ଦ୍ଧ ଉଲଙ୍ଗହୋଇ ପ୍ରାସାଦ ସାମ୍ନାରେ ଠିଆହୋଇ ଯୁବରାଜ ବୁଝିପାରିଲେ -

"କୌଣସି ଲୋଭ ଉଧେଇ ପାରେନାହିଁ
ଏତେ ଜଂଟା ଝଂଟା ଓ ପଥରର ମୌନତା ଭିତରେ ।"

(ବର୍ଷା ପବନରେ)

ସବୁକିଛି ନିରର୍ଥକ - ଅତୀତ ଓ ଭବିଷ୍ୟତ ବୋଲି କିଛି ନାହିଁ । ସବୁ ମୋହ ଓ ଆକର୍ଷଣ ଦୁଃଖର କାରଣ ହୋଇଯାଏ । ଏଥିପାଇଁ ବମାଳବାଲା ଅବା କ'ଣ ଜାଣିବ ସୁଯୋଗ ଉଣ୍ଡି ଖବର କାଗଜକୁ ଝରକା ରେଲିଂ ପାଖରେ ଗଳାଇ ଦେବାଛଡା । ସେ ଜାଣିପାରିବ ନାହିଁ କାଗଜିକ ମଣିଷର ଦିନତମାମ ଖୋଳ ଭିତରେ ତଡ଼ବଡିକଳ ହେବାର । ଏକ ଅଦିହ୍ମା ଯନ୍ତ୍ରଣାରେ ଅକସ୍ମାତ ଝଲସିଉଠେ ମୃତ ସମ୍ବାଦର ତରବାରୀ ।



# ଫକୀର ମୋହନଙ୍କ କବିତାରେ ଜୀବନବୋଧ

ଡକ୍ଟର ପ୍ରହ୍ଲାଦ ଖିଲ

ଊନବିଂଶ ଶତକର ଶେଷ ଦଶନ୍ଧିରେ ଜୀବନର ତିକ୍ତ-ମଧୁର ଅନୁଭୂତିସବୁ ସାଉଁଟି ମଣିଷଟି ଧିରେ ଧିରେ କବି ପାଲଟିଗଲା ଏବଂ ମାତୃଭୂମି ଓ ମାତୃଭାଷାର ସୁରକ୍ଷା ପାଇଁ ଜୀବନତମାମ ଜଣେ ସଚ୍ଚା ସେବକର କାମ କରିଗଲା; ସେ ହେଉଛନ୍ତି ବ୍ୟାସକବି ଫକୀର ମୋହନ ସେନାପତି । ଅଷ୍ଟାଦଶ-ଊନବିଂଶ ଶତାବ୍ଦୀର ଓଡ଼ିଶାର ଜନଜୀବନର ଚିତ୍ର ଦେଖିବାକୁ ହେଲେ ଫକୀର ମୋହନଙ୍କ ରଚନାହିଁ ଥିଲା ପ୍ରମୁଖ ଦର୍ପଣ ; ଯେଉଁଥିରେ ଚିତ୍ରସବୁ ପ୍ରତିବିମ୍ବିତ ହେଉଥିଲା । ବାସ୍ତବିକ ସେ ଥିଲେ ଏ ଓଡ଼ିଆ ଜାତିର ଭାଷାସାହିତ୍ୟ ସୁରକ୍ଷାର ସେନାପତି । ମଧ୍ୟଯୁଗୀୟ କବି ଦୀନକୃଷ୍ଣ ଓ ଆଧୁନିକ କାବ୍ୟଯୁଗର ନିର୍ମାତା ରାଧାନାଥ ଦୁହେଁଜଣ ସ୍ରଷ୍ଟା ଓଡ଼ିଶାର ବାଲେଶ୍ୱର ଜିଲ୍ଲାରେ ଲେଖନୀ ଚାଳନା କରି ଫକୀର ମୋହନଙ୍କ ପୂର୍ବରୁ ନିଜ ନିଜର ପରିଚୟ ସୃଷ୍ଟି କରିସାରିଥିଲେହେଁ ମଣିଷ ଜୀବନର ବାସ୍ତବ ଛବି ଆଙ୍କି ଜଣେ ଦରଦୀ ମାନବବାଦୀ ଶିଳ୍ପୀରୂପେ ନିଜର ସ୍ୱାତନ୍ତ୍ର୍ୟ ରକ୍ଷାକରିଛନ୍ତି ବ୍ୟାସକବି ଫକୀର ମୋହନ । ଜୀବନରେ ବହୁ ଝଡ଼ଝଞ୍ଜାକୁ ସାମ୍ନା କରି ସେ ସମାଜ ସଂସ୍କାରକର ଭୂମିକା ନିର୍ବାହ କରିବା ସହିତ ଜଣେ ପ୍ରତିଭାଧର ବିଚକ୍ଷଣ ରାଜନୀତିଜ୍ଞରୂପେ ପ୍ରତିଭାତ ହୋଇଛନ୍ତି ପରାଧୀନ ଭାରତରେ । କଥାଶିଳ୍ପୀରୂପେ ଆଧୁନିକ ଓଡ଼ିଆ ସାହିତ୍ୟରେ ଫକୀରମୋହନ କୀର୍ତ୍ତିସ୍ତମ୍ଭ ହୋଇଥିଲେହେଁ ଦରଦୀପ୍ରାଣର ଅବୁଝା ଭାଷାସବୁ ଝରିଆସିଛି କବିତାରେ । ଏ ଅନୁଭବ ସବୁ ଜୀବନକୁ ଭଲ ପାଇବାର । ଯଥାର୍ଥରେ କଥାକାର ସୁରେନ୍ଦ୍ର ମହାନ୍ତିଙ୍କ ଭାଷାରେ "ସାହିତ୍ୟଶିଳ୍ପୀ ଅପେକ୍ଷା ଫକୀର ମୋହନ ସାର୍ଥକ ଜୀବନଶିଳ୍ପୀ ଥିଲେ" (ଫକୀର ମୋହନ ସମୀକ୍ଷା-ପୃଷ୍ଠା-୧୩୬) ଜୀବନ ହିଁ ସତ୍ୟର ନିକଷଦର୍ଶୀ; ଏହି ଅବବୋଧଣୀ ଥିଲା ଫକୀର ମୋହନଙ୍କର ।

ଗୀତିକବିତା, ଅନୁବାଦ, ହାସ୍ୟରସାତ୍ମକ କବିତା ଓ କାବ୍ୟରଚନା ଫକୀର ମୋହନଙ୍କ ଗଳ୍ପ, ଉପନ୍ୟାସ ରଚନା ବ୍ୟତିରେକେ ଏକ ମନୋଜ୍ଞ ପ୍ରୟାସ । ଛୋଟ ଛୋଟ କବିତାରେ ହୃଦୟାଭିବ୍ୟକ୍ତି ହୋଇଛି ଅଧିକ ଭାବୋଦ୍ଦୀପକ । ଜୀବନର ଅଶ୍ରୁ-ବିଷାଦର ରାଗିଣୀରେ ଏହା ହୋଇଛି ଅନୁରଣିତ ।

'ଉତ୍କଳ ଭ୍ରମଣ' ସ୍ରଷ୍ଟାମାନସର ପରିପକ୍ୱ ରଚନା । ସମକାଳୀନ ଉତ୍କଳର ସମାଜ ଜୀବନଚିତ୍ର ଏଥିରେ ପ୍ରତିଫଳିତ ହେବା ସହିତ କବି ଜୀବନବାଣୀରେ ଏହା ମର୍ମରିତ । ସମାଲୋଚକ ନଟବର ସାମନ୍ତରାୟଙ୍କ ମତକୁ ଏଠାରେ ଉଲ୍ଲେଖ କରାଯାଇପାରେ । "ଓଡ଼ିଶାର ଉତ୍ତରରୁ ଦକ୍ଷିଣକୁ ଭ୍ରମଣକରି ହାସ୍ୟରସର ସହଜ ପରିବେଶ ମାଧ୍ୟମରେ କେତେକ ସାହିତ୍ୟିକ ଓ ପ୍ରଧାନ ଲୋକଙ୍କ ନାମ ଓ ଗୁଣାବଳୀ ବର୍ଣ୍ଣନା କରିବା ଏହାର ବାହ୍ୟ ଲକ୍ଷ୍ୟ ମାତ୍ର; କିନ୍ତୁ ଏହାର ଅନ୍ତଃସ୍ୱର ଲେଖକଙ୍କ ବ୍ୟକ୍ତିଗତ ଜୀବନଦ୍ୱାରା ନିୟନ୍ତ୍ରିତ ।" (ଆଧୁନିକ ଓଡ଼ିଆ ସାହିତ୍ୟ ଇତିହାସ-୧ମ ସଂ-ପୃଷ୍ଠା-୩୮୧) । ପୁଣି "ଉତ୍କଳ ଭ୍ରମଣ"ରେ ଅବାଂ ଟିକହ୍ନି ପଶ୍ଚାତରେ ଅଛି ସ୍ରଷ୍ଟାର ଉନ୍ନତ ଜୀବନବୋଧ, ଉଦାରମାନବିକତା ଓ ଗଭୀର ଦାର୍ଶନିକ ଦୃଷ୍ଟିଭଙ୍ଗୀ" (ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ-ପୃଷ୍ଠା-୩୮୦) । ଓଡ଼ିଆ ପୁଅ ମୁଣ୍ଡ ଖାଳ ତୁଣ୍ଡରେ ମାରି ମାଟିର ବକ୍ଷ ବିଦାରି ଫସଲ ଫଳାଏ; କିନ୍ତୁ ଏହି ଧାନଫସଲର ଉପଭୋକ୍ତା ନିଜେ ହୋଇପାରିନଥାଏ । ଭଦ୍ରମାନଙ୍କ ଉଦର ସବୁ ଖୁଦୁରାଟକୁ ଲଗାଣ ହୁଏ । କବି ମନରେ କ୍ଷୋଭ ସହିତ ଓଡ଼ିଆ ପୁଅ ପାଇଁ ଦରଦ । ଏଣୁ ଦରଦୀ କବି କଣ୍ଠରୁ ଝରିଛି -

> ଓଡ଼ିଆ କାଟିବେ ଧାନ ଚଷି ଚଷି ମାଟି
> ମାତୁକ ପାଇବେ ରସ ତହୁଁ ଖୁଦୁରାଟି ।

(ଉତ୍କଳ ଭ୍ରମଣ)

କବି କେବଳ ଓଡ଼ିଆ ପୁଅର ଜୀବନ ଚର୍ଯ୍ୟା ସମ୍ପର୍କରେ ବ୍ୟଥିତ ହୋଇନାହାନ୍ତି ଏହାର ମୁଖ ନିଃସୃତ ଭାଷାର ସୁରକ୍ଷାପାଇଁ ରାଜା ମହାରାଜାଙ୍କ ଉଦ୍ଦେଶ୍ୟରେ ତାଙ୍କର ତାତ୍ପର୍ଯ୍ୟବାଣୀ ବେଶ୍ ମାର୍ମିକ । ଯଥା-

> ନାହିଁ ନାହିଁ ମହାରାଜା ଭଲ ହେଉନାହିଁ
> କିଛି ହେଲେ କର ତୁମେ ମାତୃଭାଷାପାଇଁ ।

(ଉତ୍କଳ ଭ୍ରମଣ)

ଫକୀର ମୋହନ ଉତ୍କଳ ଖଣ୍ଡର ଭ୍ରମଣ ଅବକାଶରେ ସଂଗ୍ରହ କରିଥିବା ଜୀବନାନୁଭୂତିକୁ ନାନାବିଧ କବିତା-ପୁଷ୍ପରେ ମାଳାଗ୍ରନ୍ଥିତ କରି

# ହୃଷିକେଶ ପଣ୍ଡାଙ୍କ ରେବତୀ : ଏକ ଅନୁଶୀଳନ

ଡ. ପ୍ରହଲ୍ଲାଦ ଖୁଲ

ଶିକ୍ଷା ବ୍ୟକ୍ତିକୁ ସଭ୍ୟ ଓ ସାର୍ଥକ ମଣିଷ ରୂପେ ଗଢ଼ିତୋଳେ । ମାର୍ଜିତ ଜ୍ଞାନ ଏବଂ ପରିଷ୍କୃତ ବିବେକ 'ଶିକ୍ଷା' ଶବ୍ଦକୁ ଅର୍ଥ ଦେଇଥାଏ । ତେଣୁ ଶିକ୍ଷାର ଅର୍ଥ କେବଳ ସାକ୍ଷରତା ନୁହେଁ । ସାକ୍ଷରତା ଅଜ୍ଞାନ ରୂପକ ଅନ୍ଧକାର ଭିତରୁ ବ୍ୟକ୍ତିକୁ ମୁକ୍ତ କରି ଜ୍ଞାନର ପ୍ରକାଶରେ ଚକ୍ଷୁ ଖୋଲି ଦେବାର ଏକ ଆଧାର ମାତ୍ର । ସେଇଥିପାଇଁ ସଂସାର ସବୁ ଶିକ୍ଷିତ ବ୍ୟକ୍ତି ଜ୍ଞାନୀ ହୋଇପାରନ୍ତି ନାହିଁ । ସବୁ ଜ୍ଞାନୀ ଶିକ୍ଷାର ସର୍ବଶ୍ରେଷ୍ଠ ସିଦ୍ଧାନ୍ତ ଯେ ଧର୍ମ ସୁରକ୍ଷାର କର୍ମ; ତାହା ବୁଝିପାରନ୍ତି ନାହିଁ । ଏଠାରେ ଧର୍ମ ଶବ୍ଦର ଅର୍ଥ ବଡ ତାତ୍ପର୍ଯ୍ୟପୂର୍ଣ୍ଣ । ଏ ସମ୍ପର୍କରେ କେବଳ ଏତିକି ଜାଣିଲେ ଯଥେଷ୍ଟ ହେବ ଯେ, ଯାହା ମୋର ତାହା ମୋର; ଯାହା ମୋର ନୁହେଁ ତାହା ମୋର ନୁହେଁ । ଏହି ମାନସିକତାକୁ ବିକଶିତ କରିବା ହିଁ ମଣିଷ ହିସାବରେ ମଣିଷର ପ୍ରଥମ ଧର୍ମ । ସମାଜ ଜୀବନରେ ଏଭଳି ଭାବଚେତନାର ବିକାଶ ନିମିତ୍ତ ଶିକ୍ଷା ଅପରିହାର୍ଯ୍ୟ ବୋଲି ବିଶ୍ୱାସ କରାଯାଏ । ବର୍ତ୍ତମାନ ସମାଜରେ ଶିକ୍ଷା ସହିତ ସାମାଜିକ ଜୀବନର ସମ୍ବନ୍ଧ ଅତି ନିବିଡ । ବ୍ୟକ୍ତିର ଶିକ୍ଷା ଦୀକ୍ଷାର ଉଚ୍ଚତା ଉପରେ ନିର୍ଭର କରୁଛି ସେ କାହା ସହିତ ବୈବାହିକ ସମ୍ବନ୍ଧ ସ୍ଥାପନ କରି ଘର ସଂସାର କରିବ ଅଥବା ଆଜୀବନ ସେମିତି ଅବିବାହିତ ହୋଇ ରହିଯିବ। ପ୍ରସଙ୍ଗ ପ୍ରେମ, ପରିଣୟର କେବଳ ନୁହେଁ; କଥା ହେଉଛି ବ୍ୟକ୍ତିତ୍ୱ ନିର୍ମାଣର । ନିହିତ ସ୍ୱାର୍ଥ ପାଇଁ ବ୍ୟକ୍ତି ନିଜର ମାନବୀୟ ମର୍ଯ୍ୟାଦା ଲଙ୍ଘନ କରିବା ଯଦି ଧର୍ମ, ବିଦ୍ୟାର୍ଥୀ ଅଥବା ଶିକ୍ଷିତ ବ୍ୟକ୍ତିଟିଏ ବିଦ୍ୟା/ଶିକ୍ଷାର ଗରିମା କ୍ଷୁର୍ଣ୍ଣ କରିବା ଯଦି ଧର୍ମ ! ପ୍ରଶ୍ନ ଆସେ ଅଧର୍ମ ତେବେ କ'ଣ ? ଶିକ୍ଷିତ ବ୍ୟକ୍ତି ଯଦି ମିଥ୍ୟା, କଟୁବଚନ, ନିନ୍ଦା, ପରଶ୍ରୀକାତରତା, ଈର୍ଷା ଆଦି ବିନାଶକ ପ୍ରବୃତ୍ତିର ହାତଧରି ଚାଲିବ ତେବେ ତା ଭିତରେ ବିଶ୍ୱର ପ୍ରତିଟି ପ୍ରାନ୍ତରରେ ପ୍ରତିଟି କ୍ଷେତ୍ରରେ ସଂଘଟିତ ହେଉଥିବା ପରିବର୍ତ୍ତନ ଯଦି ସତ୍ୟ, ଶିକ୍ଷା, ଦୀକ୍ଷା, ଗବେଷଣା ଯଦି ସତ୍ୟ; ତେବେ ସେହି ପରିବର୍ତ୍ତନକୁ ପ୍ରତିଟି ମଣିଷର ଜୀବନଧାରାରେ ସ୍ୱାଗତ କରାଯିବା ହିଁ ଧର୍ମ । ଫକୀର ମୋହନ ସେନାପତି ଆଜିକୁ ଶହେବର୍ଷ ତଳେ ଏହି ପରିବର୍ତ୍ତନର ଆବଶ୍ୟକତାକୁ ଉପଲବ୍ଧି କରି ରେବତୀ ହାତରେ କଲମ ଧରାଇଥିଲେ । ନିଷ୍ଠୁର ବାସ୍ତବତା କିନ୍ତୁ କଲମ ଛଡାଇ ନେଲା ଅଧା ପାଠ ପଢ଼ାରୁ । ହୃଷିକେଶ ପଣ୍ଡାଙ୍କର ରେବତୀ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖି ନିରନ୍ତର ସାଧନା ପଥରେ ଅଗ୍ରସର ହୋଇ ବି.ଏସ୍.ସି. ପାସ୍ କରିଛି, ଏମ୍.ଏସ୍.ସି. ପାସ୍ କରିଛି ଏବଂ ମହୁମାଛିମାନଙ୍କ ଉପରେ ଗବେଷଣା କରି ବିଦ୍ୟାବିଭୂଷଣ (ପିଏଚ୍.ଡି.) ଉପାଧିରେ ବିଭୂଷିତା ହୋଇଛି । ଶିକ୍ଷାପ୍ରତି ରେବତୀର ନିଷ୍ଠା ଏବଂ ଅନୁରାଗ ହେତୁ ଅନ୍ୟ ସହାଧ୍ୟାୟୀ ସହପାଠୀଙ୍କ ମନରେ ଈର୍ଷା, ଦ୍ୱେଷ ଆଦି ମାନସିକ ଅପରାଧମୂଳକ ପ୍ରବୃତ୍ତି ଜନ୍ମ ନେଇଛି ।

ସହାଧ୍ୟାୟୀ ବିଦ୍ୟାର୍ଥୀମାନେ ରେବତୀକୁ ଈର୍ଷା କରିବାର ଦୁଇଟି ପ୍ରମୁଖ କାରଣ ରହିଛି । ପ୍ରଥମତଃ ରେବତୀ ଭଲ ପାଠ ପଢୁଥିଲା । ଦ୍ୱିତୀୟରେ ସେ କାହାକୁ ଜଣେ ଭଲ ପାଉଥିଲା । ପାଠପଢ଼ିବା ଅପରାଧ ନୁହେଁ । ଶ୍ରେଣୀ ଗୃହରେ ପ୍ରାପ୍ତ ଶିକ୍ଷାକୁ ଜୀବନରେ ପ୍ରୟୋଗ ନ କରିବା ହିଁ ଅପରାଧ । ଆତ୍ମନିର୍ଭରଶୀଳ ହେବା ପାଇଁ ଏବଂ ଚରିତ୍ର/ବ୍ୟକ୍ତିତ୍ୱ ଗଠନ ପାଇଁ ଶିକ୍ଷାକୁ ଯିଏ ନିଜ ଜୀବନରେ ପ୍ରୟୋଗ କରିପାରିଛି ପ୍ରକୃତରେ ସିଏ ହିଁ ସଭ୍ୟ, ସାର୍ଥକ ମଣିଷଟିଏ । ଶିକ୍ଷା ଦେବାବାଲା ଯିଏ ବି ହୋଇଥାଆନ୍ତୁନା କାହିଁକି ; ଜ୍ଞାନ ଚରମ ସତ୍ୟ (ଭଗବାନ)ଙ୍କ ଠାରୁ ହିଁ ପ୍ରାପ୍ତ ହୋଇଥାଏ । ଜ୍ଞାନଦାତା ବିଦ୍ୟାଦାନ ସମୟରେ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ପାତର ଅନ୍ତର କରନ୍ତି ନାହିଁ; ଯଦି ନେବାବାଲାର ଝୋଲା/ଥଳି ଛୋଟ ହୋଇଯାଏ; ତେବେ ତା' ଭିତରେ ଶିକ୍ଷା ପୂର୍ଣ୍ଣ ବିକଶିତ ହେବା ସମ୍ଭବ ନୁହେଁ । ରେବତୀ ଗଳ୍ପରେ ଗଳ୍ପନାୟକର ସ୍ୱୀକାରୋକ୍ତି "ସେ ସମୟରେ ମୁଁ ସପ୍ତମ ଶ୍ରେଣୀରେ ଥରେ ଫେଲ୍ ହୋଇ ସାରିଥାଏ" ବେଶ୍ ଯୁକ୍ତିଯୁକ୍ତ । ଶିକ୍ଷାର ଅର୍ଥ ପାସ/ଫେଲ୍ ଫଳାଫଳକୁ ବୁଝାଏ ନାହିଁ । ପରୀକ୍ଷା ଜ୍ଞାନର/ଶିକ୍ଷାର ଗୋଟିଏ ସ୍ତରରୁ ଆଉ ଗୋଟିଏ ସ୍ତରକୁ ଉନ୍ନୀତ ହେବାର ଏକ ସୋପାନ ମାତ୍ର । ଶିକ୍ଷାର ଲକ୍ଷ୍ୟ 'ସର୍ବଜନ ସୁଖାୟ ସର୍ବଜନ ହିତାୟ' ଭଳି ମହତ୍ ଚେତନା ଆଡକୁ ପ୍ରସାରିତ । ଆମେ କିନ୍ତୁ ସାଧନା ମାର୍ଗରେ ବିଭିନ୍ନ କାରଣ ଦେଖାଇ ଶିକ୍ଷାର ସେଇ ଲକ୍ଷ୍ୟପଥରୁ ବିଚ୍ୟୁତ ହୋଇ ହୃଦୟର ଇଚ୍ଛାକ୍ଷେତ୍ରକୁ ପ୍ରତ୍ୟାବର୍ତ୍ତନ କରି ବ୍ୟକ୍ତି-ପ୍ରତିଦ୍ୱନ୍ଦ୍ୱିତାରେ ମାତିଯାଉ । ଆତ୍ମ ପ୍ରତିଦ୍ୱନ୍ଦ୍ୱିତା ବ୍ୟକ୍ତିକୁ ତା'ର ଦୋଷ-ଦୁର୍ବଳତା ଦେଖାଇ ଦେଇ ଶୁଦ୍ଧ ଚେତନା ଓ ମାର୍ଜିତ ଜ୍ଞାନ ପ୍ରତି ସଚେତନ କରାଇଦିଏ । ବ୍ୟକ୍ତି ପ୍ରତିଦ୍ୱନ୍ଦ୍ୱିତା ଈର୍ଷା, ପରଶ୍ରୀକାତରତା ଆଦି ହୀନମନ୍ୟତା ସୃଷ୍ଟି କରି ବ୍ୟକ୍ତିକୁ ବ୍ୟଷ୍ଟିରୁ ବ୍ୟକ୍ତିକୈନ୍ଦ୍ରିକ କରିଦିଏ; ଶେଷରେ ବ୍ୟକ୍ତି ସେହି କେନ୍ଦ୍ର ଭିତରେ ମଧ୍ୟ ସ୍ଥିର ହୋଇ ରହିପାରେ ନାହିଁ । ନିଜର ପ୍ରତିଦ୍ୱନ୍ଦ୍ୱୀ ବୋଲି ଭାବୁଥିବା ବ୍ୟକ୍ତିର ସଫଳତାରେ,

# ତୁଳନାର ଆଲୋକରେ
# ଗଙ୍ଗାଧର

ଡକ୍ଟର ରୀନା କୁମାରୀ ମେହେର

ଏଥେନା ବୁକ୍ସ
ଭୁବନେଶ୍ୱର

ତୁଳନାର ଆଲୋକରେ ଗଙ୍ଗାଧର- ଡକ୍ଟର ରୀନା କୁମାରୀ ମେହେର, ପ୍ରକାଶକ : ଏଥେନା ବୁକ୍ସ, ଭୁବନେଶ୍ୱର-୨, ଅକ୍ଷର : ରଞ୍ଜନା, ପ୍ରଚ୍ଛଦ : ପିଙ୍କି, ପ୍ରଥମ ସଂସ୍କରଣ : ୨୦୧୭, ପୃଷ୍ଠା : ୨୨୪, ମୂଲ୍ୟ : ଟ.୨୫୦/-

**Tulanara Alokare Gangadhara- Dr. Rina Kumari Meher,**
Published by : Athena Books, Bhubaneswar-2, Type Setting : Ranjana, Cover Design : Pinky, Printed at : Athena Books, Bhubaneswar-2, E-mail : rkdas.athena@gmail.com, 1st Edition : 2017, Page : 224,
Price : Rs.250/-

ISBN 13 978-93-80834-80-2

## ବିଷୟକ୍ରମ

୧. ବାଲ୍ମୀକି ଓ ଗଙ୍ଗାଧର : ତୁଳନାତ୍ମକ ଅଧ୍ୟୟନ ୧୧
୨. ବ୍ୟାସଦେବ ଓ ଗଙ୍ଗାଧର : ତୁଳନାତ୍ମକ ଅଧ୍ୟୟନ ୨୬
୩. କାଳିଦାସ ଓ ଗଙ୍ଗାଧର : ତୁଳନାତ୍ମକ ଅଧ୍ୟୟନ ୩୧
୪. କାଳିଦାସ ଓ ଗଙ୍ଗାଧର : ଏକ ତୁଳନାତ୍ମକ ଅବଲୋକନ (ପ୍ରଭାତବର୍ଣ୍ଣନା ପରିପ୍ରେକ୍ଷୀରେ) ୬୨
୫. ଭବଭୂତି ଓ ଗଙ୍ଗାଧର : ତୁଳନାତ୍ମକ ଅଧ୍ୟୟନ ୭୩
୬. କବୀର ଓ ଗଙ୍ଗାଧର : ଏକ ତୁଳନାତ୍ମକ ଅଧ୍ୟୟନ ୮୨
୭. [illegible] ଓ ଗଙ୍ଗାଧର : ତୁଳନାତ୍ମକ ଅଧ୍ୟୟନ ୯୬
୮. ଜଗନ୍ନାଥଦାସ ଓ ଗଙ୍ଗାଧର : ତୁଳନାତ୍ମକ ଅଧ୍ୟୟନ ୧୧୨
୯. ସାରଳାଦାସ ଓ ଗଙ୍ଗାଧର : ତୁଳନାତ୍ମକ ଅଧ୍ୟୟନ ୧୨୩
୧୦. ଦେଶପ୍ରାଣତା ଆଧାରରେ ଫକୀର ମୋହନ ଓ ଗଙ୍ଗାଧର : ତୁଳନାତ୍ମକ ଅଧ୍ୟୟନ ୧୩୩
୧୧. ଭକ୍ତକବି ମଧୁସୂଦନ ଓ ସ୍ୱଭାବ କବି ଗଙ୍ଗାଧର : ତୁଳନାତ୍ମକ ଅଧ୍ୟୟନ ୧୩୮
୧୨. ନନ୍ଦକିଶୋର ଓ ଗଙ୍ଗାଧର : ତୁଳନାତ୍ମକ ଅଧ୍ୟୟନ ୧୪୨
୧୩. ବାସୁଦେବ ସୁଢ଼ଳଦେବ ଓ ଗଙ୍ଗାଧର : ତୁଳନାତ୍ମକ ଅଧ୍ୟୟନ ୧୬୧
୧୪. ଗଙ୍ଗାଧର ଓ ମୈଥିଲୀଶରଣ : ତୁଳନାତ୍ମକ ଅଧ୍ୟୟନ ୧୭୦
୧୫. ଗଙ୍ଗାଧର ଓ [illegible] : ତୁଳନାତ୍ମକ ଅଧ୍ୟୟନ ୧୮୧
୧୬. [illegible] ଓ ଗଙ୍ଗାଧର : ଏକ ତୁଳନାତ୍ମକ ଅଧ୍ୟୟନ ୧୯୩



## ଦେଶପ୍ରାଣତା ଆଧାରରେ ଫକୀର ମୋହନ ଓ ଗଙ୍ଗାଧର : ତୁଳନାତ୍ମକ ଅଧ୍ୟୟନ

-ଡ. [illegible]

[illegible]

# ପରଜା ଆଦିବାସୀ ଲୋକଜୀବନରେ ଲୋକବାଣୀ ଓ ପ୍ରହେଳିକାର ପ୍ରୟୋଗ

ଡ. ପ୍ରହ୍ଲାଦ ଖୁଇ

ଲୋକବାଣୀ ମୌଖିକ ପରମ୍ପରାକ୍ରମେ ଏବଂ ପ୍ରବାହମାନ ସାହିତ୍ୟ କ୍ଷେତ୍ରରେ ରୂପାୟିତ । କମ୍ବୁବେଦନା ସଂଘାତ ବିରହିତ ମୁକ୍ତବୋଧ ରାଜିକୁ ଏହାର ଜନ୍ମ । ଓଡ଼ିଶାର ଇତିହାସ, ଭୂଗୋଳ, ସଂସ୍କୃତି ଓ ଓଡ଼ିଶା ସମାଜ ଜୀବନର ନିଗୂଢ଼ ସଂକେତ ନେଇ ବ୍ୟବହୃତ ଏହି ଢଗଢମାଳି ଓଡ଼ିଶାର ଗାଉଁଲି ଜନଜୀବନରେ ଲୋକବଚନ ରୂପେ ପରିଚିତ । ଏହା ଉଭୟ ସଂକ୍ଷିପ୍ତ ଓ ଦୀର୍ଘ ପଦ୍ୟଧର୍ମୀତା ଭିତରେ ପ୍ରକାଶିତ । କେତେକ କ୍ଷେତ୍ରରେ ଏହା ଗଦ୍ୟାତ୍ମକ ହୋଇ ଲୋକଙ୍କ ଭାବମାନସ ବ୍ୟକ୍ତ କରିବାରେ ସମର୍ଥ । ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟପୂରଣ ଅଭିପ୍ରାୟରେ ଢଗଢମାଳିର ପ୍ରୟୋଗ ହେଉଥିବା ହେତୁ ଏଗୁଡ଼ିକ ବାଚ୍ୟାର୍ଥ (ଆଭିଧାନିକ)ମୂଳକ ନ ହୋଇ ଲକ୍ଷ୍ୟାର୍ଥ ପ୍ରଧାନ ହୋଇଥାନ୍ତି । ସାମାଜିକ ଜୀବନକୁ ଶୃଙ୍ଖଳିତ ତଥା ବ୍ୟକ୍ତିର ଜ୍ଞାନକୁ ମାର୍ଜିତ ଓ ବିବେକକୁ ପରିଷ୍କୃତ କରିବାର ପ୍ରୟୋଜନ ଭିତିରେ ପରାମର୍ଶ, ଉପଦେଶ, ସମାଲୋଚନା, ତୁଳନା, ଉଚିତ, ଅନୁଚିତ ଆଦି ବିଚାରଭାବର ପ୍ରଭାବଶାଳୀ ଅଭିବ୍ୟକ୍ତି ଢଗଢମାଳିର ଏକ ମୁଖ୍ୟ ବୈଶିଷ୍ଟ୍ୟ ।

ଢଗଢମାଳି ଆଞ୍ଚଳିକ ମନୁଷ୍ୟର ଭାବସମ୍ପଦ । ଏକ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଜୀବନ ବଞ୍ଚୁଥିବା ମନୁଷ୍ୟ ହିସାବରେ ଯଦି ଆଦିବାସୀମାନଙ୍କର କଥା ବିଚାର କରାଯାଏ; ତେବେ ସେଠି ଆଜି ମଧ୍ୟ ଢଗଢମାଳି, ପ୍ରହେଳିକା ଆଦିର ବ୍ୟବହାର ଲକ୍ଷ୍ୟ କରିହୁଏ । ଆଦିବାସୀ ବ୍ୟକ୍ତି ଜୀବନଠାରୁ ଆରମ୍ଭ କରି ସମାଜଜୀବନର ପ୍ରତିବିମ୍ବରେ ସଂଘଟିତ ହେଉଥିବା ପରିବର୍ତ୍ତନର ଗଭୀର ଅବବୋଧରୁ ଆଦିବାସୀ-ଢଗଢମାଳିର ଆତ୍ମପ୍ରକାଶ । ଏହି ପ୍ରସଙ୍ଗରେ କେବଳ ପରଜା ଆଦିବାସୀ ଜୀବନରେ ପ୍ରଚଳିତ ଢଗଢମାଳି ଓ ପ୍ରହେଳିକା (ନଡ଼ିଆ) ସମ୍ପର୍କରେ ଆଲୋଚନା କରାଯାଇଛି । ପରଜାମାନେ ନିଜ ଭାଷାରେ ଢଗଢମାଳିକୁ 'ଟିକଲ୍' ବା 'ବୋଲ୍‌ଟିକାଲ' ବୋଲି କହିଥାନ୍ତି । 'ଟିକଲ୍' ଶବ୍ଦର କୌଣସି କଥାକୁ ସିଧାସଳଖରେ ନ କହି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ବକ୍ରୋକ୍ତିଶୈଳୀରେ ସମାଲୋଚନା (Coment) କରିବା ।

ପରଜା ଆଦିବାସୀ ଅନେକ ଦୁଃଖଦୁର୍ଦ୍ଦଶାର ସମ୍ବେଦନା ଭିତରେ ସାମାଜିକ ଜୀବନ ଅତିବାହିତ କରିଆସୁଥିବା ହେତୁ ତତସଂଲଗ୍ନ ଅଭିଜ୍ଞତା ଓ ଅନୁଭୂତି ଉପରେ ଢଗଢମାଳିର ଭାବସ୍ୱର ଆଧାରିତ । ତେଣୁ ସେମାନଙ୍କର ନିତିଦିନିଆ ଜୀବନରେ ଢଗଢମାଳି ସର୍ବଜନଗ୍ରାହ୍ୟ ହେବା ସହିତ ଏହାର ଭାବ ଅବବୋଧରେ କୌଣସି ଅସୁବିଧା ହୋଇନଥାଏ । ଅପରପକ୍ଷରେ ପରଜାମାନଙ୍କର ସାମାଜିକ ଓ ସାଂସ୍କୃତିକ ଜୀବନର ରୀତିନୀତି, ଚଳଣି ସହିତ ସଭ୍ୟଜନପଦରେ ରହୁଥିବା ମନୁଷ୍ୟର ପ୍ରତ୍ୟକ୍ଷ ସମ୍ପର୍କ ବା ଅନୁଭୂତିର ଅଭାବ ହେତୁ ଆଦିବାସୀ ଲୋକମାନସ ପ୍ରସୂତ ଢଗଢମାଳି ସବୁକୁ ବୁଝି ଅର୍ଥ ନିରୂପଣ କରିବା କ୍ଷେତ୍ରରେ ମାନସିକ କସରତ କରିବାକୁ ପଡିଥାଏ ବା ଆଦିବାସୀ ଲୋକଙ୍କ ସହଯୋଗ ଆବଶ୍ୟକ ହୋଇଥାଏ । ଏଥିପାଇଁ ନିରପେକ୍ଷ କ୍ଷେତ୍ର ଅଧ୍ୟୟନର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

ପରଜା ଢଗଢମାଳି ସାଧାରଣତଃ ଦୁଇପାଦ ବିଶିଷ୍ଟ ପଦ୍ୟାତ୍ମକ/ଗଦ୍ୟାତ୍ମକ ମୌଖିକ ଅଭିବ୍ୟକ୍ତି । କେତେକ କ୍ଷେତ୍ରରେ ପ୍ରଥମ କିମ୍ବା ଦ୍ୱିତୀୟ ପାଦ ସହିତ ଉପଧା ମିଳନ ପାଇଁ ଗୋଟିଏ ନିରର୍ଥକ ପାଦର ବର୍ଣ୍ଣନା କରିବାର କଳା ପରଜାମାନଙ୍କର ସୃଜନଶୀଳ ମନୋବୃତ୍ତିକୁ ଦର୍ଶାଇଥାଏ । ଏମାନଙ୍କର ଢଗଢମାଳି ସମ୍ପୂର୍ଣ୍ଣ ଅଶ୍ରୁତନା । ଏହି ବିଶେଷୋକ୍ତିର ପରିକଳ୍ପନା ଆକସ୍ମିକ ଏବଂ ଏହାର ସ୍ଥିତି ସର୍ବକାଳିକ, ବ୍ୟକ୍ତି ଜୀବନର ସଂସ୍କାର ଓ ସାମାଜିକ ଜୀବନର ସୁରୁଚି ବିଧାନ ଏହାର ଲକ୍ଷ ହୋଇଥିବା ହେତୁ ଏଗୁଡ଼ିକର ସଂରକ୍ଷଣ ଓ ଆଲୋଚନାର ଆବଶ୍ୟକତା ରହିଛି ।

**ପରଜା ଭାଷାର 'ଟିକଲ୍'·(ଢଗଢମାଳି) :**

୧. ପରଜା ଭାଷାରେ -

ଆଜି ଦକିଦକି ଶଇ ରେଇ
ରାତେ ଆଗି ବଙ୍ଗରେ ଯାଇ ।

ଓଡ଼ିଆ ଭାଷାରେ -

ଆଖି ଖୋଲାରଖି ଶୋଇଥାଏ
ନଈକୂଳେ ଝାଙ୍କାଫେରି ପାହାଡ ଉପରେ ଯାଏ ।

ଅର୍ଥ - (ପ୍ରକୃତି ସବୁବେ ବଦଳେ ନାହିଁ )

ଏହା ପରଜାମାନଙ୍କର ନିତ୍ୟକର୍ମ ସହିତ ସମ୍ପୃକ୍ତ ଏକ



# କବିତା ଆବୃତ୍ତି ସମ୍ପର୍କରେ ......

ଡ. ପ୍ରହ୍ଲାଦ ଖିଲ

ସିନ୍ଧୁକାଳର କବିତାର ଚିରନ୍ତନ ସାମଗ୍ରୀ ହେଉଛି ତା'ର ଭାବ । ଭାବର ଅଭାବରେ କବିତା ପାଠକର ଭାବମାନସ ନିର୍ମାଣ ପାଇଁ ସହାୟକ ନ ହୋଇ ତା'ର ପରିପନ୍ଥୀ ହୋଇଥାଏ । ଅପରପକ୍ଷରେ କବିତା ଯେତେ ଭାବଗର୍ଭକ ହୋଇଥାଉନା କାହିଁକି ଆବୃତ୍ତି କଳାର ଅଭାବରେ ତାହା ନିଷ୍ପ୍ରାଣ ଓ ନିରର୍ଥକ ମନେହୁଏ । ପାରିଭାଷିକ ଅର୍ଥ ଦୃଷ୍ଟିରୁ ବିଚାର କଲେ କବିତାର ମୁଖସ୍ଥପଦକୁ ପୁନଃପୁନଃ ପ୍ରୟୋଜନ ଭିତ୍ତିରେ ପାଠ କରିବା କଳାଶକ୍ତିର ନାମ ଆବୃତ୍ତି । ଏହାର ଇଂରାଜୀ ପ୍ରତିଶବ୍ଦ Recitation ରିସିଟେସନ୍ ଅର୍ଥ ମୁଖସ୍ଥ କବିତାର ଭାବଗତ/କଳାଗତ ସୌନ୍ଦର୍ଯ୍ୟକୁ ଦୃଷ୍ଟିରେ ରଖି ସ୍ୱରାୟିତ ଆବୃତ୍ତି କରିବା । ଅନ୍ୟାର୍ଥରେ ଶବ୍ଦର ଶୁଦ୍ଧ ଉଚ୍ଚାରଣଭଙ୍ଗୀ, ପଦର ଅନ୍ତଃରାଣି ଛନ୍ଦସୁଲଭ ଲାଳିତ୍ୟ ସହିତ ବାଚନିକ ମାଧୁର୍ଯ୍ୟଧର୍ମୀ କବିତା ପଠନ/ଉପସ୍ଥାପନାରୀତି ଆବୃତ୍ତି କଳାରୂପେ ପରିଚିତ ।

ପ୍ରାଚ୍ୟ ବିଦ୍ୟାର ସମର୍ଥିତ ଶାସ୍ତ୍ରମାନଙ୍କର ଉଦ୍‌ବୋଧଜ୍ଞାନ ଓ ବିଚାର ସିଦ୍ଧାନ୍ତର ଉପଲବ୍ଧି ନିମିତ୍ତ ଆବୃତ୍ତିକଳାକୁ ପ୍ରାଧାନ୍ୟ ଦିଆଯାଇଛି । ବୈଦିକ ଯୁଗର ଶିକ୍ଷାଶାସ୍ତ୍ରୀୟ ପାଠ୍ୟ ନିର୍ଘଣ୍ଟରେ ଉଚ୍ଚାରଣ ପ୍ରବୃତ୍ତି ଓ ବ୍ୟାଖ୍ୟାପ୍ରବୃତ୍ତି ଅନ୍ତର୍ଭୁକ୍ତ ରହି ବାସ୍ତବ ଜ୍ଞାନଧାରାର ପରିମାପକ ରୂପେ ଗୃହୀତ ହୋଇଥିଲା । ଏହି ସୂତ୍ରରେ ଯାଜ୍ଞବଳକ୍ୟ, ଶ୍ରୀନାରଦ, ଭରଦ୍ୱାଜ ପ୍ରମୁଖଙ୍କ ନାମାନୁସାରେ ଉଚ୍ଚାରଣ ଶିକ୍ଷା ଯାଜ୍ଞବଳକ୍ୟ ଶାଖା, ନାରଦୀୟ ଶାଖା, ଭରଦ୍ୱାଜ ଶାଖା ଆଦି ନାମରେ ନାମିତ ହୋଇଥିଲା ।

କବିତା ଶବ୍ଦ ଓ ଅର୍ଥର କମନୀୟ ମିଳନରୁ ଉଦ୍ଭୂତ କବିପ୍ରାଣର ଅଭିବ୍ୟକ୍ତି । ଶବ୍ଦର ଧ୍ୱନିଗତ ଅବଗୁଣ୍ଠନ ଭିତରେ ଅବଗୁଣ୍ଠିତ ପ୍ରକୃଷ୍ଟ ଭାବାର୍ଥର ରହସ୍ୟ ଉନ୍ମୋଚନ ଆବୃତ୍ତି ବିନା ସମ୍ଭବ ନୁହେଁ । କବିତାର ଉଭୟ ଭାବ ଓ ଶିଳ୍ପ-ସୌନ୍ଦର୍ଯ୍ୟକୁ ଭୂୟୋଦର୍ଶନର ଅନ୍ୱେଷାନେଇ ଅନୁଭବ କରିଥିବା ସହୃଦୟ ପାଠକ/ଆବୃତ୍ତିକାରୀ ଶବ୍ଦର ଗଠନ, ସ୍ୱରମେଳ, ବର୍ଣ୍ଣବିନ୍ୟାସ ମଧ୍ୟରେ ଲୁକ୍କାୟିତ ଭାବର ନାନାବିଧ ଦିଗ ସମ୍ପର୍କରେ ସଚେତନ ରହି ଉପଯୁକ୍ତ ଉଚ୍ଚାରଣ/ଆବୃତ୍ତି କରିଥାରେ ଭାବାର୍ଥକୁ ସାକାର ମୂର୍ତ୍ତିରୂପ ଦେଇଥାଏ । ପ୍ରଯୁକ୍ତ ଶବ୍ଦର ଅର୍ଥଦ୍ୟୋତନାକୁ ନିୟନ୍ତ୍ରଣ ଓ ନିର୍ମାଣ କରୁଥିବା ବର୍ଣ୍ଣ ଉପରେ କବିତା-ଆବୃତ୍ତିକାରୀର ଉଚ୍ଚାରଣ-ନିରୂପିତ ସଠିକ ଉଚ୍ଚାରଣ ହିଁ ଶବ୍ଦ ସମୂହର କାବ୍ୟିକ ଅର୍ଥବୋଧକୁ ସୁଗମ କରିଥାଏ । ସ୍ୱରଭଙ୍ଗୀ, ସ୍ୱରଭକ୍ତି, ବ୍ୟଙ୍ଗ, ବକ୍ରୋକ୍ତି, ଅସ୍ପଷ୍ଟତା ବିରୋଧାଭାସୀୟ ଉଦ୍ଦେଶ୍ୟ, ବୈପରୀତ୍ୟ, ବୈଲକ୍ଷଣ୍ୟ ତଥା ଅସ୍ଥିର-ଅନିର୍ଦ୍ଦିଷ୍ଟ କଣ୍ଠସ୍ୱରାୟିତ ଉଚ୍ଚାରଣ ଅର୍ଥଦ୍ୟୋତନାରେ ବାଧକ ହୋଇ କବିତା ଆବୃତ୍ତିକୁ ଦୋଷଯୁକ୍ତ କରିଥାଏ । ତେଣୁ ସଂସାରରେ କବିତ୍ୱ ଦୁର୍ଲଭ; ସବୁ ମନୁଷ୍ୟ କବି ନୁହନ୍ତି । ସବୁ କବି ଆବୃତ୍ତିକଳା ଦୃଷ୍ଟିରୁ ପ୍ରତିଭାବାନ ନୁହନ୍ତି । କବି ଓ କବିତା ଭାବୁକତାର ଆଶ୍ରିତ ହୋଇପାରେ; ମାତ୍ର ଆବୃତ୍ତିକାରୀ ଭାବୁକତା ଅପେକ୍ଷା ଚେତନାର ଅଙ୍ଗୁଳି ଧରି ଚାଲିବାକୁ ପ୍ରାଧାନ୍ୟ ଦେଇଥାଏ । କବିର ନିର୍ମିତିରେ ଶବ୍ଦ ଯେତେ କୋମଳ, ସ୍ନିଗ୍ଧ, ବଳିଷ୍ଠ, ଉଦାର ହୋଇଥିଲେ ମଧ୍ୟ ତାହା ନୀରବ; ସାଧାରଣ ପାଠକଟି ଓ କବିତା ପାଠର ଐକାନ୍ତିକ ଆଗ୍ରହବଶତଃ ହୁଏତ କିଛି ସମୟ ପାଇଁ ନୀରବତା ଭାଙ୍ଗିଦେଇପାରେ, କିନ୍ତୁ ଉଚ୍ଛ୍ୱାସ ସୃଷ୍ଟି କରିପାରେ ନାହିଁ, ତରଙ୍ଗ ସୃଷ୍ଟି କରିପାରେ ନାହିଁ, ଜୁଆର ଆଣିପାରେ ନାହିଁ, ଏହା ସମ୍ଭବ ହୁଏ ଦକ୍ଷଶିଳ୍ପୀର ଆବୃତ୍ତିଦ୍ୱାରା । ସୁକ୍ରେଟୋ, ଡାନିଏଲ୍, ଆଇ.ଏ.ରିଚାର୍ଡସ୍ ପ୍ରମୁଖ ପାଶ୍ଚାତ୍ୟ ବିଦ୍ୱାନ ଆବୃତ୍ତିକଳାର ଚମତ୍କାରିତାକୁ ସମ୍ମାନ ଦେଇଥିବାର ଜଣାଯାଏ । କାବ୍ୟ-କବିତାର ଅନ୍ତର୍ନିହିତ ଓ କଳାଗତ ସୌନ୍ଦର୍ଯ୍ୟ କଣ୍ଠସ୍ୱର କରିଥାରେ ଆବୃତ୍ତିକାରୀର ସଚେତନ ମନୋଭାବ ଦେଇ ଶ୍ରୋତାର ଚିତ୍ତବୃତ୍ତିକୁ ଆହ୍ଲାଦିତ କରୁଥିବାର ସିଦ୍ଧାନ୍ତ ଉପରେ ବିଶ୍ୱାସ କରନ୍ତି । ଅନେକ ସମୟରେ ଦେଖାଯାଏ ଆବୃତ୍ତିକାରୀର ପ୍ରତିଭା ଦେଇ କବିତାରେ ରୂପାୟିତ କବିର ମନୋଭାବ, ଆବେଗ, ଅନୁଭୂତି ଉଦ୍ଦେଶ୍ୟ, ଦର୍ଶନ ଓ ଅଭିପ୍ରାୟ ପାଠକର/ଶ୍ରୋତାର ସୁଖଦୁଃଖର ଇତିହାସ ସହିତ, ଜୀବନ ଦର୍ଶନ ସହିତ ଯୋଡି ହୋଇଯାଏ ।

ସୂକ୍ଷ୍ମତଃ ଆବୃତ୍ତି ହେଉଛି -

କ) ଲିପିବଦ୍ଧ ନିଷ୍ପନ୍ଦ ନୀରବ ପଂକ୍ତିଗୁଡିକୁ ଭାବାନୁଗ ସଂଗୀତ ପ୍ରଦାନ କରିବାର କଳାଶକ୍ତି ।

ଖ) ଆବୃତ୍ତି କବିତାର ଜୀବନଶକ୍ତି ରହିଛି ବୋଲି ଜଣାଇଦିଏ । ସୁତରାଂ ଆବୃତ୍ତି/ଆବୃତ୍ତିକଳା ହେଉଛି କବିତାର ଭାବବାହୀ ଜୀବାତ୍ମଶକ୍ତି ।

ଗ) କବି ନିଜର ଅନୁଭୂତି ଚୟନ କରି କବିତା କେବଳ ଲେଖେ ଏବଂ କବିତା କବିର ନିର୍ମାଣ ହୋଇ ରହିଥାଏ । ସଫଳ ଓ ସୁଦକ୍ଷ ଆବୃତ୍ତିକାରୀ ନିଜର



# ରାଧାନାଥଙ୍କ କାବ୍ୟ-କବିତାରେ ଜୀବନବୋଧ

ଡ. ପ୍ରହ୍ଲାଦ ଖୁଣ୍ଟିଆ

ବାଲେଶ୍ୱର ଜିଲ୍ଲାର ସୋର ନିକଟବର୍ତ୍ତୀ କେଦାରପୁର ଗ୍ରାମରେ ୧୮୪୮ ମସିହା ସେପ୍ଟେମ୍ବର ୨୮ ତାରିଖରେ ଜନ୍ମଲାଭ କରି ମାତା ତାରିଣୀ ଦାସୀଙ୍କୁ ପାଂଚବର୍ଷ ବୟସରେ ହରାଇ ମାତୃହରା ହୋଇଥିବା ବାଳକର ପୂର୍ବପୁରୁଷ ପ୍ରାୟ ୩୦୦ୟ୪୦୦ ବର୍ଷ ପୂର୍ବରୁ ବଂଗଦେଶରୁ (ମେଦିନାପୁର ଅଂଚଳର ରାଧାନଗରରୁ) ଉଠିଆସିଥିଲେ ଏବଂ ଏ ଅଂଚଳରେ ଅବସ୍ଥାନ କରିଥିଲେ । ଏମାନେ ଥିଲେ ବଙ୍ଗୀୟ ଦକ୍ଷିଣ ରାଢୀୟ କାୟସ୍ଥ ବଂଶ ସମ୍ଭୂତ ଓ ଜାତୀୟ ଉପାଧି ଥିଲା 'ଦେ' କିନ୍ତୁ ରାଜଦତ୍ତ ଉପାଧିରେ ଏମାନେ 'ରାୟ' ସଂଜ୍ଞାରେ ପରିଚିତ ଥିଲେ । ଏହି ମାତୃହରା ସନ୍ତାନ ସ୍ୱୀୟ ପ୍ରତିଭାବଳରେ ରାଧାନାଥ ନାମରେ ପରିଚିତ ହୋଇ ପରବର୍ତ୍ତୀ କାଳରେ ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟର ପ୍ରାଣ ପ୍ରତିଷ୍ଠାତା ହେଲେ ।

୧୮୪୮ ସେପ୍ଟେମ୍ବର ୨୮ ତାରିଖରୁ ୧୯୦୮ ପର୍ଯ୍ୟନ୍ତ ମାତ୍ର ଷାଠିଏ ବର୍ଷର ସଂକ୍ଷିପ୍ତ ଜୀବନକାଳ ଭିତରେ ରାଧାନାଥ କାଳଜୟୀ ସ୍ରଷ୍ଟା ରୂପେ ପ୍ରତିଷ୍ଠିତ । କେଦାରଗୌରୀ (୧୮୮୫), ଚନ୍ଦ୍ରଭାଗା (୧୮୮୬), ନନ୍ଦିକେଶ୍ୱରୀ (୧୮୮୭), ଉଷା (୧୮୮୮), ପାର୍ବତୀ (୧୮୯୦), ଚିଲିକା (୧୮୯୧), ମହାଯାତ୍ରା (୧୮୯୨), ଯଯାତିକେଶରୀ (୧୮୯୫), ତୁଳସୀ-ସ୍ତବକ (୧୮୯୪), ଉର୍ବଶୀ, ଦରବାର, ଦଶରଥ ବିୟୋଗ (୧୯୦୧), ସାବିତ୍ରୀ ଚରିତ , ମହେନ୍ଦ୍ର ଗିରି, ଭାରତ ଗୀତିକା, ମେଘଦୂତ, କବିତାବଳୀ, ବାଣହରଣ, ଶ୍ମଶାନଦୃଶ୍ୟ, ଦୁର୍ଯ୍ୟୋଧନର ରକ୍ତନଦୀ ସନ୍ତରଣ, ନିବେଦନ, ସତୀ ପ୍ରତି ସତୀଦ୍ରୋହୀ ପତିର ଉକ୍ତି, ଫୁଲରାଣୀ, ଶିବାଜୀଙ୍କ ଉତ୍ସାହ ବାକ୍ୟ, ହଂସଦୂତ, ସତ୍ୟବାଦୀ, କେତୋଟି ଉପଦେଶ ବାକ୍ୟ, ବନ୍ଦନା, ଯୁଧିଷ୍ଠିରଙ୍କ ପ୍ରତି ବ୍ୟାସ, ପ୍ରତାପରୁଦ୍ରଦେବ, ଏକାଗ୍ରତା, ଚିଠିବନ୍ଧୁ, ମହାରାଣୀ ଭିକ୍ଟୋରିଆଙ୍କ ଜୁବୁଲୀ ସଙ୍ଗୀତ (୧) ମହାରାଣୀ ଭିକ୍ଟୋରିଆଙ୍କ ଜୁବୁଲୀ ସଙ୍ଗୀତ (୨), ଧବଳେଶ୍ୱର ସ୍ତୋତ୍ରମ୍, ଶ୍ରୀ କାଳିକାସ୍ତୁତି ଆଦି କାବ୍ୟ କବିତା ରଚନା କରି ଯୁଗ ପ୍ରବର୍ତ୍ତକ ସ୍ରଷ୍ଟାର ଆସନରେ ଆସୀନ ।

କବିଙ୍କ କାବ୍ୟକୃତି ଅନୁଶୀଳନରୁ ଜ୍ଞାତ ହୁଏ; ସେ ଥିଲେ ଦୁଃଖଗୁରୁଙ୍କର ପଟ୍ଟଶିଷ୍ୟ । ଦୁଃଖ-ଦଗ୍ଧ ଚକ୍ଷୁରେ ସଂସାର ଲୋକଙ୍କୁ ଦେଖିବାରେ ଅଭ୍ୟସ୍ତ ରାଧାନାଥ । ଏଣୁ ଚିରରୁଗ୍ଣ କବିଙ୍କ ଜୀବନ ଥିଲା ଦୁର୍ବିସହ ଓ ଯନ୍ତ୍ରଣାଜର୍ଜ୍ଜର । ଜୀବନର ସାରସତ୍ୟ ହିଁ ମୃତ୍ୟୁ; ଏଭଳି ଅନୁଭବ ଭିତରେ କବି ଜୀବନର ସଂକ୍ଷିପ୍ତତାକୁ ବୁଝିପାରି ବିଷାଦର ରାଗିଣୀ ତୋଳିଛନ୍ତି କିନ୍ତୁ ଜୀବନର ଜୟଗୀତି ଗାନପାଇଁ ସେ ଆଦୌ ବିସ୍ମରି ନାହାନ୍ତି । 'ମୃତ୍ୟୁ' ଧ୍ରୁବ ସତ୍ୟ ଏକଥା ବୁଝିଥିବା କାବ୍ୟ ପୁରୁଷ ଏହି ମୃତ୍ୟୁ ଭିତରେ ହିଁ ଜୀବନର ଚଲାପଥ କେତେ ସର୍ପିଳ; ତାହାର ତାତ୍ତ୍ୱିକ ବିଶ୍ଳେଷଣ କରିଛନ୍ତି କାବ୍ୟ-କବିତାରେ ।

ପାଶ୍ଚାତ୍ୟ ସାହିତ୍ୟରୁ କଥାବସ୍ତୁ ଆହରଣରେ ମୌଳିକତାର ପୁଟ ଦେଇ କାବ୍ୟ ରଚନା କରିଥିବା ରାଧାନାଥ ବହୁକ୍ଷେତ୍ରରେ ବିଜାତୀୟ ବୋଲି ସମାଲୋଚନାର ଶିକାର ହୋଇଥିଲେହେଁ ବିଷାଦବାଦ ଭିତରେ ଜୀବନକୁ ଭଲ ପାଇବାର କବିରୂପେ ସେ ବେଶ୍ ପାଠକୀୟ ଶ୍ରଦ୍ଧା ଲାଭ କରିଥିବା କାବ୍ୟପୁରୁଷ ।

ଜୀବନ ସେ ପ୍ରେମମୟ ; ଦୁଃଖର ଆବର୍ତ୍ତଭିତରେ ବି ପ୍ରେମ ମଣିଷକୁ ଜୀବନ ବଂଚିବାର ରାହା ଦେଖାଏ । ପ୍ରେମ ବାଧା-ବନ୍ଧନ-ଜାତି-ବୟସ କିଛିମାନେ ନାହିଁ । ଗୁରୁଜନଙ୍କ ଆକଟ ନିରର୍ଥକ ହୁଏ । ରାଧାନାଥଙ୍କ କେଦାର ଓ ଗୌରୀ ପ୍ରେମମୟ ଜୀବନ ବଂଚିବାପାଇଁ ବନ୍ଧୁବାନ୍ଧବ ଆତ୍ମୀୟ-ସ୍ୱଜନ ସମସ୍ତଙ୍କୁ ପରିହାର କରି ଏକ ସୁନ୍ଦର ଜୀବନ ବଂଚିବାପାଇଁ ଘର ଛାଡିବା ପାଇଁ ଉଦ୍ୟମ କରିଛନ୍ତି -

କବିଙ୍କ ଭାଷାରେ -

କେତେଦିନ ଅନ୍ତେ ବେନିଏ ଏକାନ୍ତେ
ଏ ମନ୍ତ୍ରଣା କଲେ ସାର,
ପ୍ରେମର ସନ୍ନ୍ୟାସୀ- ସନ୍ନ୍ୟାସିନୀ ହୋଇ
ଦୁହେଁ ଯିବେ ଦେଶ ପାର ।

(କେଦାରଗୌରୀ)